## ସଂକ୍ଷେପରେ

### ପୁରୀରେ ରିଲିଫ ବାଣ୍ଟିଲେ ଫୋରମ ଫର ଗଞ୍ଜାମ କର୍ମକର୍ତ୍ତା



**ବ୍ରହ୍ମପୁର ଅଫିସ,୧୩।୫:** ଫୋରମ ଫର ଗଞ୍ଜାମ ପକ୍ଷରୁ ପୁରୀ ଜିଲାର ବାତ୍ୟା ପ୍ରଭାବିତ ଅଞ୍ଚଳରେ ରବିବାର ରିଲିଫ ସାମଗ୍ରୀ ବିତରଣ କରାଯାଇଛି। ୨ କିଲୋ ଆଳୁ ସହ ୧ କିଲୋ ପିଆଜ, ଡାଲି, ତେଲ, ଚୁଡା, ଚିନି ଏବଂ ମହମବତୀ, ବିସ୍କୁଟ, ଟର୍ଚ୍ଚ ଲାଇଟ, ଆଚାର ଥିବା ୧ ହଜାର ରିଲିଫ ପ୍ୟାକେଟ ବାତ୍ୟା ବିପନ୍ନଙ୍କୁ ଅନୁଷ୍ଠାନ ବଣ୍ଟାଯାଇଥିଲା । ଏହି ଅବସରରେ କର୍ମକର୍ତ୍ତାମାନେ ପୁରୀ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ବ୍ରହ୍ମପୁର ମହାନଗର ନିଗମ(ବିଏମ୍ସି) କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ପୁରୀ ଜିଲାପାଳ ବଳବନ୍ତ ସିଂଙ୍କ ପରାମର୍ଶ କ୍ରମେ ଅନୁଷ୍ଠାନ ପକ୍ଷରୁ ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ରେବଣା, ନୂଆଗାଁ, ଜଗନ୍ନାଥପୁର, ଆଲିପୁଟ ଗାଁ ଏବଂ ପିପିଲି ବ୍ଲକ ମାଡିଆଳି ସାହି ପ୍ରଭୃତି ଅଞ୍ଚଳରେ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଫୋରମ ସଂଯୋଜକ ସୁଧୀର ରାଉତଙ୍କ ସମେତ ଇ.ଟି ରାଓ, ଜେ. ସୁରେଶ, ସ୍ୱରାଜ୍ୟ ସୁବୁଦ୍ଧି, ମାନସ ପାତ୍ର, ରବି କୁମାର, ସୁଶାନ୍ତ ସାବତ, ଭାଷ୍କରାଚାର୍ଯ୍ୟ ଚୌଧୁରୀ, ସୁରେଶ ତ୍ରିପାଠୀ, ବାସୁଦେବ ସାହୁକାର, ସବିତା ସାହୁକାର, ଅଞ୍ଜଳୀ ମହାନ୍ତି ଓ ପ୍ରମୋଦ ମହାରଣା ପ୍ରମୁଖ ସମିଲ ହୋଇଥିଲେ ।

### ଲାଞ୍ଜିପଲ୍ଲୀ ତାରାଦେବୀ ଠାକୁରାଣୀ ଯାତ୍ରା ୧୯ରୁ ଆରମ୍ଭ

**ବ୍ରହ୍ମପୁର ଅଫିସ,୧୩।୫:** ବ୍ରହ୍ମପୁର ମହାନଗର ନିଗମ (ବିଏମ୍ସି)ର ୩୬ନଂ ୱାର୍ଡ ଅନ୍ତର୍ଗତ ଲାଞ୍ଜିପଲ୍ଲୀର ମା' ତାରାଦେବୀ ଠାକୁରାଣୀ ଯାତ୍ରା ଚଳିତ ମାସ ୧୯ରୁ ଆରମ୍ଭ ହେବ । ଜୁନ ୧୦ ରାତିରେ ଏହି ୨୩ ଦିନିଆ ଯାତ୍ରା ଉଦ୍ଯାପନ ହେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ଯାତ୍ରା ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ସଭାପତି ଭଗବତ୍ ପ୍ରସାଦ ସିଂହଦେଓ ବୈଠକରେ ଅଧକ୍ଷତା କରିଥିଲେ । ଅନ୍ୟ କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ଯାତ୍ରା କମିଟି ଉପଦେଷ୍ଟା ତଥା ବ୍ରହ୍ମପୁର ପୌର ପରିଷଦ ପ୍ରାକ୍ତନ ଉପନଗରପାଳ ଭଗବାନ ଗନ୍ତାୟତଙ୍କ କହିବାନୁସାରେ, ରେଶମ ନଗରୀରେ ପ୍ରସିଦ୍ଧ ମା' ବୁଢ଼ୀ ଠାକୁରାଣୀଙ୍କ ଦ୍ୱି-ବାର୍ଷିକ ଯାତ୍ରା ପରେ ଲାଞ୍ଜିପଲ୍ଲୀ ତାରାଦେବୀ ଠାକୁରାଣୀ ଯାତ୍ରା ହେବାର ପରମ୍ପରା ରହିଛି। ଏଥିପାଇଁ ଅସ୍ଥାୟୀ ମଣ୍ଡପ ପାଖରେ ଆନୁଷ୍ଠାନିକ ଭାବେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ୧୯ ତାରିଖ ରାତିରେ ତାରା ଦେବୀଙ୍କ ନିଜସ୍ୱ ମନ୍ଦିରରେ ପୂଜାର୍ଚ୍ଚନା ଓ ହୋମ ଆଦି କରାଯିବ । ବାଦ୍ୟ ବାଜଣା ଓ ବିପୁଳ ଜନ ସମାଗମ ମଧ୍ୟରେ ମା'ଙ୍କ ଘଟ ଅଣାଯାଇ ଅସ୍ଥାୟୀ ମଣ୍ଡପରେ ବିଜେ କରାଯିବ । ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ପରମ୍ପରା ପ୍ରକାରେ ତାରା ଦେବୀଙ୍କ ଘଟ ଲାଞ୍ଜିପଲ୍ଲୀର ସମସ୍ତ ସାହିରେ ପରିକ୍ରମା କରିବାର ବିଧି ରହିଛି। ଯାତ୍ରା ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଛି। ସବୁ ସାହିରେ ରଙ୍ଗିନ ଆଲୋକ ଝଲସିବ । ବିଭିନ୍ନ ସାହିରେ ଦେବଦେବୀଙ୍କ ଆକର୍ଷଣୀୟ ରଥ ଓ କଳାକୁଞ୍ଜ ଖୋଲାଯିବ । ଭକ୍ତଙ୍କ ମନୋରଞ୍ଜନ ଲାଗି ଯାତ୍ରା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପ୍ରଶାସନ, ପୋଲିସ ଓ ବିଏମ୍ସିର ସହଯୋଗ ନିଆଯିବ ।

### ସାପ କାମୁଡ଼ାରେ ବାଳକ ମୃତ

**ଡାବୁଗାଁ,୧୩।୫ (ଡି.ଏନ.ଏ.):** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ବୋରିଗାଁ ଗ୍ରାମରେ ସୋମବାର ସାପ କାମୁଡାରେ ଜଣେ ବାଳକଙ୍କ ମୃତ୍ୟୁ ଘଟିଛି। ମୃତ ବାଳକ ଜଣକ ହେଲେ ସତ୍ୟ ପୂଜାରୀ। ଡାବୁଗାଁ ବ୍ଲକ ଅଧୀନ ବୋରିଗାଁ ଗ୍ରାମର କମଳସାଏ ପୂଜାରୀ ଓ ତାଙ୍କ ପୁଅ ସତ୍ୟ ପୂଜାରୀ (୮) ରବିବାର ରାତିରେ ଖାଇସାରି ଘର ଭିତରେ ଶୋଇଥିଲେ । ସକାଳୁ କମଳସାଏ ଉଠି ଦେଖିଥିଲେ ଯେ ଘର ଭିତରୁ ଏକ ସାପ ବାହାରକୁ ଯାଉଥିଲା । ସାପକୁ ଠେଙ୍ଗାରେ ମାରି ଦେଇଥିଲେ । ଘର ଭିତରକୁ ଆସି ପୁଅ ସତ୍ୟକୁ ଉଠାଇବାକୁ ଯାଇ ଦେଖିଥିଲେ ଯେ ସେ ଛଟପଟ ହେଉଛି ଓ ପାଟିରୁ ଫେଣ ବାହାରୁଛି । ସଙ୍ଗେ ସଙ୍ଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ କମଳସାଏ ଡାବୁଗାଁ ଥାନାରେ ଏତଲା ଦେଇଥିଲେ ।

## ଟାଣ ଖରାଠୁ ବଳିପଡିଛି ଜାନିବିଲି ଯନ୍ତ୍ରଣା

# ଉଦ୍‌ଘାଟନ ପରଠୁ ଜଗଦଳପୁର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ବନ୍ଦ

**ବ୍ରହ୍ମପୁର ଅଫିସ,୧୩।୫**

- ପ୍ରକଳ୍ପ ଉଦ୍‌ଘାଟନକୁ ବିତିଲାଣି ୨ମାସ
- ସାମିଲ ଅଞ୍ଚଳକୁ ହୋଇପାରିନି ଜଳଯୋଗାଣ
- ଅସମ୍ପୂର୍ଣ୍ଣ ରହିଛି ଓଭରହେଡ ଟ୍ୟାଙ୍କ ନିର୍ମାଣ

ବ୍ରହ୍ମପୁର ସମେତ ଏହାର ଆଖପାଖ ଅଞ୍ଚଳରେ ଖରାଦିନେ ହେଉଥିବା ଜଳକଷ୍ଟ ଦୂର ପାଇଁ ରାଜ୍ୟ ସରକାର ଜାନିବିଲି ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ହାତକୁ ନେଇଥିଲେ । ୫ ଶହ କୋଟି ଟଙ୍କାରେ ନିର୍ମାଣାଧୀନ ଏହି ପ୍ରକଳ୍ପ ଶୁଭ ଦେବାର ୩ ବର୍ଷ ପରେ ଗତ ମାର୍ଚ୍ଚ ୩ରେ ନିର୍ବାଚନକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତରବରିଆ ଭାବେ ଜାନିବିଲି ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି । ଉଦ୍‌ଘାଟନକୁ ଏବେ ୨ ମାସରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ଏଯାଏ ଜଳଯୋଗାଣ ଦୂରେ ଥାଉ ପାଇପ ବିଛା କାର୍ଯ୍ୟ ମଧ୍ୟ ଶେଷ ହୋଇନାହିଁ। ଅନ୍ୟପକ୍ଷରେ ଜଗଦଳପୁର ପ୍ଲାଣ୍ଟରୁ ଜଳଯୋଗାଣ ଆରମ୍ଭ ନେଇ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଦାବି କରୁଥିବା ବେଳେ ଉଦ୍‌ଘାଟନ ପରଠାରୁ ପ୍ଲାଣ୍ଟ ବନ୍ଦ ରହିଛି । ଏପରିକି ପ୍ରଥମ ପର୍ଯ୍ୟାୟରେ ନିର୍ଦ୍ଧାରିତ ଅଞ୍ଚଳକୁ ମଧ୍ୟ ଏଯାଏ ଜାନିବିଲିରୁ ଜଳଯୋଗାଣ ହୋଇ ନ ଥିବା ଅଭିଯୋଗ ହୋଇଛି । ବିଭିନ୍ନ ସ୍ଥାନରେ ଏବେ ପ୍ରକଳ୍ପ କାର୍ଯ୍ୟ ହାତକୁ ନେଇଥିବା ସଂସ୍ଥା ପାଇପ ଲାଇନ ବିଛାଇବା ନାଁରେ ମନଇଚ୍ଛା ରାସ୍ତା ଖୋଳୁଥିବା ବେଳେ ମରାମତି କରିବାକୁ ଭୁଲିଯାଉଛି। ସହରର ଅନେକ ଅଞ୍ଚଳର ରାସ୍ତା ଏବେ ମରଣଯନ୍ତା ପାଲଟିଛି । ଫଳରେ ସହରବାସୀଙ୍କ ପାଇଁ ଟାଣଖରାଠାରୁ ଏବେ ଜାନିବିଲି ଯନ୍ତ୍ରଣା ବଳିଯାଇଛି ।

ବ୍ରହ୍ମପୁର ସହରକୁ ଋଷିକୁଲ୍ୟା ଓ ଦକ୍ଷିଣପୁରରୁ ପାନୀୟ ଜଳ ଯୋଗାଣ ହେଉଛି । କିନ୍ତୁ ଏହି ଜଳ ସହରର ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଯଥେଷ୍ଟ ହେଉ ନ ଥିବାରୁ ସହରବାସୀଙ୍କ ଜଳକଷ୍ଟ ଦୂର କରିବାକୁ ୨୦୧୬ ନଭେମ୍ବର ୩୦ରେ ଜାନିବିଲି ବୃହତ୍ ଜଳଯୋଗାଣ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ଶୁଭ ଦେଇଥିଲେ । ୩ ବର୍ଷ ପରେ ଅର୍ଥାତ ମାର୍ଚ୍ଚ ୩ରେ ଏହି ପ୍ରକଳ୍ପକୁ ଅସମ୍ପୂର୍ଣ୍ଣ ଅବସ୍ଥାରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନର ମାସକ ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ଚିହ୍ନଟ ହୋଇଥିବା ୧୦ରୁ ଊର୍ଦ୍ଧ୍ୱ ୱାର୍ଡକୁ ପାନୀୟ ଜଳଯୋଗାଣ ନିୟମିତ ହେବା ନେଇ ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ । ଏବେ ପ୍ରକଳ୍ପ ଉଦ୍‌ଘାଟନକୁ ୨ ମାସରୁ ଊର୍ଦ୍ଧ୍ୱ ସମୟ ବିତି ସାରିଛି । କିନ୍ତୁ ଏଯାଏ ଜାନିବିଲି ପ୍ରକଳ୍ପରୁ ପ୍ରଥମ ପର୍ଯ୍ୟାୟ ଜଳଯୋଗାଣ ପାଇଁ ଚିହ୍ନଟ ଅଞ୍ଚଳକୁ ଜଳଯୋଗାଣ ଦୂରେ ଥାଉ ପାଇପ ଲାଇନ୍ ସଂଯୋଗ ହୋଇ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ସୋମବାର ବ୍ରହ୍ମପୁର ଜନସ୍ୱାସ୍ଥ୍ୟ ବିଭାଗକୁ ଆସି ଏପରି ଅଭିଯୋଗ କରିଛନ୍ତି ଜାନିବିଲି ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ଜଳଯୋଗାଣରେ ସାମିଲ ହୋଇଥିବା ୧୪ ନଂ. ୱାର୍ଡ ପୁରୁଣା ବ୍ରହ୍ମପୁରର ନୃସିଂହନଗର ବାସିନ୍ଦା । ସାହିର ଅଶୋକ କୁମାର ସାହୁଙ୍କ କହିବା ପ୍ରକାରେ, ମା' ବୁଢୀଠାକୁରାଣୀ ଯାତ୍ରା ପରଠାରୁ ଜଳଯୋଗାଣ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି । ଜାନିବିଲି ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଏହି ଅଞ୍ଚଳ ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ପାଇପ ଲାଇନ୍ କାର୍ଯ୍ୟ ଅଧାପନ୍ତରିଆ ରହିଛି। ଅନ୍ୟପଟେ ଯାତ୍ରା ପରେ ଜଳଯୋଗାଣ ବ୍ୟାହତ ହୋଇଛି। ୧୫ ଦିନରେ ଥରେ ମଧ୍ୟରାତ୍ରିରେ ଅଳ୍ପ ସମୟ ପାଇଁ ପାଣି ଯୋଗାଇ ବିଭାଗୀୟ ଅଧିକାରୀମାନେ ଚୁପ୍ ରହିଯାଉଥିବା ସେ କହିଛନ୍ତି । ବାରମ୍ବାର ଅଭିଯୋଗ ପରେ ମଧ୍ୟ ଜଳଯୋଗାଣ ସ୍ୱାଭାବିକ ହେଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ତୁରନ୍ତ ନିୟମିତ ଜଳଯୋଗାଣ ଦାବି ନେଇ ଏସ୍‌ଡିଓଙ୍କୁ ଅଞ୍ଚଳବାସୀ ଦାବି ପତ୍ର ପ୍ରଦାନ କରିଛନ୍ତି ।

ଅନ୍ୟପଟେ ସହରବାସୀଙ୍କୁ ଖରାଦିନେ ଜଳଯୋଗାଣ ନେଇ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ଜଗଦଳପୁରରେ ନିର୍ମିତ ଜାନିବିଲି ବିଶୋଧନାଗାରରୁ ଜଳଯୋଗାଣ ଚାଲୁ ରହିଥିବା କହିଛନ୍ତି ପ୍ଲାଣ୍ଟ ଇନ୍‌ଚାର୍ଜ ସୁଦୀପ ସେନ ଗୁପ୍ତା । ଆସନ୍ତା କିଛି ମାସ ମଧ୍ୟରେ ପ୍ଲାଣ୍ଟର ନିର୍ମାଣ ଓ ସହରରେ ଥିବା ବିଭିନ୍ନ ଓଭରହେଡ ଟ୍ୟାଙ୍କ ନିର୍ମାଣ କାର୍ଯ୍ୟ ମଧ୍ୟ ସରିବ ବୋଲି ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଉଛି । କିନ୍ତୁ ବାସ୍ତବରେ ବିଶେଷସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଉଦ୍‌ଘାଟନର ଦୁଇଦିନ ପରଠାରୁ ଜଗଦଳପୁର ପ୍ଲାଣ୍ଟରେ ଜଳବିଶୋଧନ ବନ୍ଦ ରହିଥିବା ଜଣାପଡିଛି । ଏଥିସହ ପ୍ରକଳ୍ପରୁ ସହରକୁ ଜଳଯୋଗାଣ ପାଇଁ ବିଛାଯାଇଥିବା ପାଇପଗୁଡିକ ମଧ୍ୟ କେତେକ ସ୍ଥାନରେ ଆବର୍ଜନା ଜଳରେ ବୁଡି ରହିଥିବା ଦେଖିବାକୁ ମିଳିଛି । ଅନ୍ୟପଟରେ ଉଦ୍‌ଘାଟନର ଦୁଇମାସ ପରେ ମଧ୍ୟ ପ୍ରକଳ୍ପରୁ ଜଳଯୋଗାଣ ପାଇଁ ବିଭିନ୍ନ ଅଞ୍ଚଳରେ ନିର୍ମାଣାଧୀନ ଓଭରହେଡ ଟ୍ୟାଙ୍କ କାର୍ଯ୍ୟ ଅଧାପନ୍ତରିଆ ରହିଥିବା ବେଳେ ପାଇପଲାଇନ ବିଛା କାର୍ଯ୍ୟ ଏଯାଏ ସରିନାହିଁ । ଫଳରେ ଏବେ ପ୍ରକଳ୍ପରୁ ଜଳଯୋଗାଣ ଚଳିତ ଖରାଦିନ ମଧ୍ୟରେ ହେବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବର୍ତ୍ତମାନ ଟାଣଖରା ବଢୁଥିବାରୁ ସହରରେ ଏବେ ପାନୀୟ ଜଳକୁ ନେଇ ହାହାକାର ପରିସ୍ଥିତି ଦେଖାଦେଇଛି । ଜାନିବିଲି ନାମରେ ଅନେକ ଅଞ୍ଚଳକୁ ନିୟମିତ ଜଳଯୋଗାଣ ବନ୍ଦକୁ ନେଇ ଏବେ ଅସନ୍ତୋଷ ଦେଖାଦେଉଛି । ଜାନିବିଲି ପାଇପ ବିଛାଇବା ନାଁରେ ରାସ୍ତାଖୋଳା ସହରବାସୀଙ୍କୁ ଅସ୍ତବ୍ୟସ୍ତ କରୁଛି । ତୁରନ୍ତ ଏହି ପ୍ରକଳ୍ପ କାର୍ଯ୍ୟ ସାରିବା ସହ ରାସ୍ତା ନିର୍ମାଣ କରିବାକୁ ଦାବି ଜୋର ଧରିଛି ।



ଅଧାପନ୍ତରିଆ ହୋଇ ରହିଥିବା ଜଗଦଳପୁର ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ।




କର୍ପୋରେଶନ୍ ରୋଡସ୍ଥିତ ବିଜୁ ପଟ୍ଟନାୟକ ପାର୍କ ସମ୍ମୁଖରେ ସଫା ହୋଇଥିବା ଲୁଗାଗୁଡ଼ିକୁ ଶୁଖାଯିବା ଫଳରେ ପାର୍କ ସୌନ୍ଦର୍ଯ୍ୟ ହରାଉଛି । (ଫଟୋ-ସମୀର)

## ବିଦ୍ୟୁତ୍ ଆଘାତରେ ଛାତ୍ର ମୃତ

**ବ୍ରହ୍ମପୁର ଅଫିସ,୧୩।୫**

ଗୋଷାଣୀ ନୂଆଗାଁ ଥାନା ଅନ୍ତର୍ଗତ ଧୋବା ସାହିରେ ସୋମବାର ମଧ୍ୟାହ୍ନରେ ଏକ ଫ୍ୟାନ୍ ସଜାଡୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଟୁନା ସେଠୀଙ୍କ ଏକମାତ୍ର ପୁଅ ରାମକୃଷ୍ଣ ବୋଲି ପୋଲିସ କହିଛି। ମୃତଦେହ ଜବତ କରି ପୋଲିସ ନଂ. ୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ସୋମବାର ଟୁନା କୌଣସି କାମରେ ବାହାରକୁ ଯାଇଥିବା ବେଳେ ସ୍ତ୍ରୀ ସବିତା କଣ୍ଟ୍ରୋଲ ସାମଗ୍ରୀ ଆଣିବା ପାଇଁ ଯାଇଥିଲେ। ରାମକୃଷ୍ଣ ଘରେ ଏକା ଥିବା ବେଳେ ଟେବୁଲ ଫ୍ୟାନଟି ବୁଲୁ ନ ଥିବାରୁ ସେ ତାକୁ ସଜାଡ଼ିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ । ମା' ଘରକୁ ଫେରିବା ବେଳେ ପୁଅ ଦେହରେ ଫ୍ୟାନ୍ ଲାଗି ରହି ମୃତ୍ୟୁ ଘଟିଥିବା ଦେଖିବାକୁ ପାଇଥିଲେ । ଖବର ପାଇ ପୋଲିସ ମୃତଦେହ ଜବତ କରିଥିବା କହିଛି ।

## ମହାନଗରରେ କ୍ଲିନ୍ କ୍ରିମିନାଲ୍ ଅପରେଶନକୁ ଶକ୍ତ ଧକ୍କା

# ୪୪ ଭରି ଗହଣା ଲୁଟିନେଲେଣି, ସୁରାକ ପାଉନି ପୋଲିସ

**ବ୍ରହ୍ମପୁର ଅଫିସ,୧୩।୫**

ଅପରାଧମୁକ୍ତ ପାଇଁ ପୋଲିସର କ୍ଲିନ୍ କ୍ରିମିନାଲ ଅପରେଶନ୍ ଯୋଜନା ମହାନଗରରେ ଫେଲ୍ ମାରିଛି। ନୂଆ ତରିକାରେ ଦୁର୍ବୃତ୍ତମାନେ ବରିଷ୍ଠ ନାଗରିକମାନଙ୍କୁ ଟାର୍ଗେଟ କରି ଲୁଟ୍ କରିବାରେ ଲାଗିଛନ୍ତି। ଗତ କିଛିମାସ ମଧ୍ୟରେ ବ୍ରହ୍ମପୁର ସହର ଅନ୍ତର୍ଗତ ବିଭିନ୍ନ ଥାନା ଇଲାକାରେ ଲୁଟେରାମାନେ ନିଜକୁ କେତେବେଳେ ପୋଲିସ ତ ଆଉ କେତେବେଳେ ସିବିଆଇ ଅଧିକାରୀ କହି ବରିଷ୍ଠମାନଙ୍କୁ ଟାର୍ଗେଟ କରି ୪୪ ଭରି ଗହଣା ଲୁଟିଲେଣି । ଏହିସବୁ ଲୁଟ୍ ଘଟଣା ଏବେ ଅସମାହିତ ହୋଇ ରହିଛି। ପୋଲିସ ଅପରାଧୀଙ୍କ ସୁରାକ ପାଇପାରୁନାହିଁ। ପୋଲିସ ପାଇଁ ଏହା ଏକ ଚ୍ୟାଲେଞ୍ଜ ହୋଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଅପରାଧ ଘଟିଲା ପରେ ପୋଲିସ ଚିରାଚରିତ ଢଙ୍ଗରେ ତଦନ୍ତ ସବୁ କିଛିକୁ ବିଗାଡ଼ିବାରେ ଲାଗିଛି । ପୂର୍ବରୁ ପୋଲିସ ଯୋଜନା ମୁତାବକ କାର୍ଯ୍ୟ ନ କରିବା ଏହାର କାରଣ ହୋଇଛି । ଅନ୍ୟପକ୍ଷରେ ଲୋକମାନେ ମଧ୍ୟ ସଚେତନ ନ ହେବା ଏହାର ଆଉ ଏକ କାରଣ ବୋଲି ସାଧାରଣରେ କୁହାଯାଉଛି। ପୂର୍ବରୁ ବଡ଼ବଜାର ଥାନା ଖାସ୍ପା ସାହିର ଜଣେ ବୃଦ୍ଧା ଲୁଟର ଶିକାର ହେବା ଏହାକୁ ସ୍ପଷ୍ଟ କରିଛି। ଏବେ ଚୋର ଓ ଲୁଟେରାମାନେ ନୂଆ ନୂଆ ତରିକା ଆପଣେଇ ସେମାନେ ଅପରାଧ କାର୍ଯ୍ୟକଳାପକୁ ସକ୍ରିୟ ରଖିଛନ୍ତି ।

ପ୍ରକାଶ ଯେ, ପାର୍ବତୀ ବେହେରା ଖାସ୍ପା ସାହି ଦେଇ ବଜାରକୁ ଯାଉଥିବା ବେଳେ ସକାଳ ୯ଟା ବେଳେ ଦୁର୍ବୃତ୍ତମାନେ ନିଜକୁ ପୋଲିସ ପରିଚୟ ଦେଇ ବୃଦ୍ଧାଙ୍କ ୭ ଭରି ଗହଣା ଅଭିନବ ଉପାୟରେ ଲୁଟି ନେଇଛନ୍ତି । ଫେବୃୟାରୀ ୬ ତାରିଖରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବିଦ୍ୟା ନଗରରେ ରହୁଥିବା ବିଶିଷ୍ଟ ଗୀତିକାର ସ୍ୱର୍ଗତ କେଦାର ପାଣିଗ୍ରାହୀଙ୍କ ଘରେ ଲୁଟେରାମାନେ ସାମଗ୍ରୀ ବିକ୍ରି କରିବା ବାହାନାରେ ପଶି ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ଓ ଯା' ଚାରୁକଳାଙ୍କୁ ମାରଣାସ୍ତ୍ର ଦେଖାଇ ଉଭୟଙ୍କଠାରୁ ୧୧ ଭରି ଗହଣା ଲୁଟି ନେଇ ଚମ୍ପଟ ମାରିଥିଲେ । ସେହିପରି ଫେବୃୟାରୀ ୧୧ ତାରିଖରେ ଭୁବନେଶ୍ୱରର ବୃଦ୍ଧ ଦମ୍ପତି ବ୍ରହ୍ମପୁରରେ ଏକ ଭୋଜିରେ ଯୋଗଦେବା ପାଇଁ ଆସିଥିବା ବେଳେ ଲୁଟେରାମାନେ ନିଜକୁ ସିବିଆଇ ପୋଲିସ ପରିଚୟ ଦେଇ ସେମାନଙ୍କଠାରୁ ୮ ଭରି ସୁନା ଗହଣା ଲୁଟି ନେଇଥିଲେ । ଏତଦ୍‌ବ୍ୟତୀତ ଭାଜପା ନେତା କାମନା ପାଢୀଙ୍କ ସ୍ତ୍ରୀ ମର୍ନିଂୱାକ୍ ସାରି ହିଲପାଟଣାସ୍ଥିତ ବାସଭବନକୁ ଏକାକୀ ଫେରୁଥିବା ବେଳେ ଲୁଟେରାମାନେ ଟାଉନ ଥାନା ଅନ୍ତର୍ଗତ ମହିଳା ମହାବିଦ୍ୟାଳୟ ନିକଟରେ ତାଙ୍କୁ ଟାର୍ଗେଟ କରିଥିଲେ। ପୋଲିସ ପରିଚୟ ଦେଇ ସେ ପିନ୍ଧିଥିବା ୧୮ ଭରି ସୁନା ଗହଣା ଅଭିନବ ଉପାୟରେ ଠକି ଚମ୍ପଟ ମାରିଥିଲେ। ଏପରି ଅନେକ ଲୁଟ୍ ଘଟଣା ଏବେବି ପୋଲିସ ଫାଇଲରେ ପଡ଼ି ରହିଛି। ଯଦିଓ ବିଭିନ୍ନ ଥାନା ପୋଲିସ ଏନେଇ ମାମଲା ରୁଜୁ କରିଛି କିନ୍ତୁ ଏବେସୁଦ୍ଧା ଲୁଟେରାଙ୍କୁ ଧରିବାରେ ବିଫଳ ହୋଇଛି । ଏହିସବୁ ଲୁଟ୍ ଘଟଣାଗୁଡ଼ିକ ଅସମାହିତ ହୋଇ ରହିଛି । ଏଣୁ ସହରରେ ଏବେ ବଢୁଛି ଲୁଟ ଏବଂ ଗଡୁଛି ଫାଇଲ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

**PARADIP PORT TRUST**
**e-TENDERING NOTICE**
Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers / authorized dealers for supply of **Ink Tank Based Printer on Buy Back basis of 49 Nos. of different make printers.** The last date and time of submission of the tender is 17.15 Hours on Dt.22/05/2019.
For details, log on to website **https://eprocure.gov.in/eprocure/app.**
**Sr.Dy. Materials Manager**
**PPT/PR/39/19-20** Dt. 13.05.2019

## ଯୁକ୍ତ ୨ ପରୀକ୍ଷାର୍ଥୀଙ୍କୁ ନକଲି ଫୋନ କଲ

# ମାର୍କ ବଢ଼ାଇବାକୁ ଟଙ୍କା ଦାବି କରୁଥିବା ଅଭିଯୋଗ

**ବ୍ରହ୍ମପୁର ଅଫିସ,୧୩।୫**

ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ମୂଲ୍ୟାୟନ ଜାରି ରହିଥିବା ବେଳେ ପରୀକ୍ଷାର୍ଥୀଙ୍କୁ ଫଳ ପ୍ରକାଶ ଏବଂ ମାର୍କ ବଢାଇବା ନେଇ ଫୋନ କଲ ଯୋଗେ ଅର୍ଥ ଦାବି ହେଉଥିବା ଅଭିଯୋଗ ହୋଇଛି । ଏହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଏନେଇ ସୋମବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରୀକ୍ଷାର୍ଥୀଙ୍କୁ ସଚେତନ କରାଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ କାର୍ଯ୍ୟାଳୟର ଉପସଚିବ ଡ଼. କୁଳମଣି ଓଝା ଏନେଇ ସୂଚନା ଦେଇ କହିଛନ୍ତି, ବର୍ତ୍ତମାନ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ମୂଲ୍ୟାୟନ ଦକ୍ଷିଣାଞ୍ଚଳର ୧୧ ମାନୁଆଲ ଓ ଚାରିଟି ଇ-ମୂଲ୍ୟାୟନ କେନ୍ଦ୍ରରେ ଜାରି ରହିଛି । ଚଳିତ ବର୍ଷ ସାଧାରଣ ନିର୍ବାଚନ ଓ ବାତ୍ୟା 'ଫନୀ' ଯୋଗୁ ଯୁକ୍ତ ୨ ମୂଲ୍ୟାୟନରେ ବିଳମ୍ବ ହୋଇଛି । ତଥାପି ମେ ୩୦ କିମ୍ବା ଜୁନ ପ୍ରଥମ ସପ୍ତାହ ସୁଦ୍ଧା ପ୍ରଥମେ ବିଜ୍ଞାନ ଓ ପରେ କଳା, ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷା ଫଳ ପ୍ରକାଶ ନିମନ୍ତେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଉଥିବା ସେ ସୂଚାଇଛନ୍ତି । ତେବେ ମୂଲ୍ୟାୟନରେ ବିଳମ୍ବର ସୁଯୋଗ ନେଇ କେତେକ ମନ୍ଦ ସ୍ୱଭାବର ବ୍ୟକ୍ତି ଫୋନ ଯୋଗେ ପରୀକ୍ଷାର୍ଥୀମାନଙ୍କୁ ପ୍ରଲୋଭିତ କରିବା ସହ ଭ୍ରମିତ କରୁଛନ୍ତି । ବିଶେଷକରି ବିଜ୍ଞାନ ପରୀକ୍ଷାର୍ଥୀଙ୍କୁ ନିର୍ଦ୍ଦିଷ୍ଟ ବିଷୟରେ ନମ୍ବର ବଢ଼ାଇବାକୁ କହି ଅର୍ଥ ଦାବି କରୁଥିବା ଅଭିଯୋଗ ଦୃଷ୍ଟିକୁ ଆସିଥିବା ବେଳେ ଏଭଳି ନକଲି ଫୋନ କଲ ପ୍ରତି ସତର୍କ ରହିବା ସହ କଲ ଆସିବା କ୍ଷଣି ନିକଟସ୍ଥ ପୋଲିସ ଷ୍ଟେଶନକୁ ଖବର ଦେବାକୁ ଉପସଚିବ ଓଝା ପରାମର୍ଶ ଦେଇଛନ୍ତି ।

ସେ ଆହୁରି କହିଛନ୍ତି, ପରିଷଦ ପକ୍ଷରୁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ଗୋପନୀୟତାର ସହ ମୂଲ୍ୟାୟନ କାର୍ଯ୍ୟ ଚାଲିଛି । ପରିଷଦକୁ ବଦନାମ କରିବାକୁ କେହି ଏଭଳି କରିଛି । ତେଣୁ ପରୀକ୍ଷାର୍ଥୀମାନେ ଏଭଳି ଠକ ସ୍ୱଭାବର ବ୍ୟକ୍ତିଙ୍କ ଫୋନ କଲ ପ୍ରତି ସତର୍କ ରହିବାକୁ ସେ କହିଛନ୍ତି । ଅଭିଯୋଗ ପ୍ରକାରେ, ସମ୍ପୃକ୍ତ ବ୍ୟକ୍ତି ଜଣକ ୮୮୦୯୦୩୮୯୨୯ ନମ୍ବରରୁ ଫୋନ କରି ବିଶେଷତଃ ବିଜ୍ଞାନ ପରୀକ୍ଷାର୍ଥୀଙ୍କୁ ଏକ ବ୍ୟାଙ୍କ ଆକାଉଣ୍ଟରେ ୫ ରୁ ୮ ହଜାର ପର୍ଯ୍ୟନ୍ତ ଟଙ୍କା ଜମା କଲେ ଫେଲ ହୋଇଥିବା ନିର୍ଦ୍ଦିଷ୍ଟ ବିଷୟର ନମ୍ବର ବଢାଇବାକୁ ପ୍ରଲୋଭିତ କରୁଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଜଣକ କେବଳ ହିନ୍ଦୀ ଭାଷାରେ ପରୀକ୍ଷାର୍ଥୀଙ୍କ ସହ କଥାବାର୍ତ୍ତା କରୁଥିବା ଜଣାପଡିଛି । ଗତ ସପ୍ତାହରେ ରାୟଗଡ଼ା ଜିଲାର କେତେକ ବିଜ୍ଞାନ ପରୀକ୍ଷାର୍ଥୀଙ୍କ ପାଖକୁ ଏଭଳି ନକଲି ଫୋନ କଲ ଆସିଥିବା ବେଳେ ରବିବାର ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିରର କେତେକ ପରୀକ୍ଷାର୍ଥୀ ଓ ଅଭିଭାବକଙ୍କ ପାଖକୁ ଏଭଳି ଫୋନ କଲ ଆସିଥିବା ଅଭିଯୋଗ ହୋଇଥିବା ପରିଷଦ ପକ୍ଷରୁ କୁହାଯାଇଛି । ପୁରୁଷୋତ୍ତମପୁର ତାରାତାରିଣୀ ମହାବିଦ୍ୟାଳୟର ଜଣେ ବିଜ୍ଞାନ ପରୀକ୍ଷାର୍ଥୀଙ୍କ ପାଖକୁ ମଧ୍ୟ ଏପରି ଫେକ କଲ ଆସିବା ସହ ୮ ହଜାର ଟଙ୍କା ଆକାଉଣ୍ଟରେ ଜମା କରିବାକୁ ଦାବି କରାଯାଉଥିବା ମଧ୍ୟ ଅଭିଯୋଗ ଆସିଥିବା ଜଣାପଡିଛି।




ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବ୍ରହ୍ମପୁର ଆଞ୍ଚଳିକ କାର୍ଯ୍ୟାଳୟ ।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o the Sr. General Manager (S&S) Janpath, Bhubaneswar-751022. CIN: U40102OR2004SGC007553
**TENDER NOTICE NO. SR.G.M. (S&S) - 01/2019-20**
For and on behalf of Odisha Power Transmission Corporation Ltd., Sr. G.M. (S&S) invites Tenders from reputed Manufacturers / Authorised Dealers for Supply & Installation of 7 Nos. of 2.0 Ton and 1 No. 1.5 Ton 3 Star Inverter Split A.C. Machines (Make : LG / Carrier / Blue Star / Hitachi / Voltas) and 5.0KVA Voltage Stabilizers for OPTCL headqrs, Bhoinagar, Bhubaneswar duly superscribed on the cover as : **"Tender for supply & installation of Split A.C. Machines with Voltage Stabilizers for OPTCL/GRIDCO".** Tender papers can be downloaded from the OPTCL website from **dt.11.05.2019** to **dt.23.05.2019** up to **1.00 PM**. The last date for receipt of tender is **dt.23.05.2019** upto **1:00 PM.** The tender will be opened on **dt.23.05.2019** at **4:00 PM.** Interested firms may visit OPTCL's official website **www.optcl.co.in** for detail specifications.
Sd/- **Sr. General Manager (S&S)**
Please connect us: optcl.odisha optcl_odisha energyodisha

**ଡାକ ବିଭାଗ (ସିଭିଲ ୱିଙ୍ଗ୍)**
**ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି**
ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ୩ୟ ମହଲା, ପୋଷ୍ଟାଲ ଷ୍ଟୋର୍ ଡିପୋ ବିଲ୍‌ଡିଂ, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ ଯୋଗ୍ୟ ଠିକାଦାରମାନଙ୍କଠାରୁ "ପାଟଣାଗଡ଼, ଓଡ଼ିଶାଠାରେ ପିଓ ବିଲ୍‌ଡିଂ ଏବଂ ଏସ୍‌ପିଏମ୍ କ୍ୱାର୍ଟର୍‌ର ନିର୍ମାଣ" କାର୍ଯ୍ୟ ନିମନ୍ତେ ଅନ୍‌ଲାଇନ୍ ଶତକଡ଼ା ଦର ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଅଟକଳ ମୂଲ୍ୟ: ଟ.୧,୫୪,୨୦,୫୭୭.୦୦ {ଟ.୧,୪୦,୫୫,୨୧୭.୦୦ (ସିଭିଲ ଅଂଶ) ଏବଂ ଟ.୧୩,୬୫,୩୬୦.୦୦ (ବୈଦ୍ୟୁତିକ ଅଂଶ)}, ଇଏମ୍‌ଡି: ଟ.୩,୦୮,୪୧୨/- (କମ୍ପୋଜିଟ୍), ଟେଣ୍ଡର ଦେୟ: ଶୂନ୍ୟ, ଇ-ଟେଣ୍ଡର ପ୍ରକ୍ରିୟାକରଣ ଦେୟ ଟ.୮୮୫୦/- (ପ୍ରଯୁଜ୍ୟ ଟିକସ ସମେତ) ବିଡର୍‌ଙ୍କ ଦ୍ୱାରା ବହନ କରାଯିବ ଯାହା ଆଇଟିଆଇ ଲିଃ, ନୂଆଦିଲ୍ଲୀଙ୍କ ସପକ୍ଷରେ ଇ-ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ପୈଠଯୋଗ୍ୟ। ବିଡ୍ ଦାଖଲର ଶେଷ ସମୟ ଓ ତାରିଖ: ତା୨୭।୦୫।୨୦୧୯ରିଖ ୧୫.୦୦ ଘଟିକା। ସମାପ୍ତି ଅବଧି ୩୦୦ (ତିନି ଶହ) ଦିନ।
ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizarde.comରୁ ହାସଲ କରାଯାଇପାରିବ।
ସ୍ୱା./- ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର

## ସଂକ୍ଷେପରେ

### ଗଞ୍ଜାମ ପ୍ରଶାସନର ସହାୟତା
## ପୁରୀକୁ ପଠାଗଲା ୫୦ ହଜାର ପ୍ୟାକେଟ୍ ଛତୁଆ



**ଛତ୍ରପୁର,୧୩।୫(ଡି.ଏନ.ଏ):** ଫନୀ ବାତ୍ୟାରେ ପ୍ରଭାବିତ ପୁରୀ ଜିଲାର ବିପନ୍ନଙ୍କ ପାଇଁ ଗଞ୍ଜାମ ଜିଲା ପ୍ରଶାସନ ବିଭିନ୍ନ ସହାୟତା ଦେବା ସହ ପୁନରୁଦ୍ଧାର କାର୍ଯ୍ୟରେ ସାମିଲ ହୋଇ କାମ କରୁଛି । ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲାରେ ଥିବା ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରକୁ ବର୍ତ୍ତମାନ ସୁଦ୍ଧା ଗଞ୍ଜାମ ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ୫୦ ହଜାର ୩୦୩ ପ୍ୟାକେଟ୍ ଛତୁଆ ପଠାଯାଇଛି। ଏ ସମ୍ପର୍କରେ ଗଣମାଧମକୁ ସୂଚନା ଦିଆଯାଇଛି । ପୂର୍ବରୁ ୩୦ ହଜାର ୩୦୩ ପ୍ୟାକେଟ୍ ଛତୁଆ ପଠାଯାଇଥିବା ବେଳେ ସୋମବାର ଆହୁରି ୨୦ ହଜାର ପ୍ୟାକେଟ ଛତୁଆ ପୁରୀ ଜିଲାକୁ ପଠାଯାଇଛି। ଆହୁରି କୁହାଯାଇଛି, ପୁରୀ ସହରରେ ବ୍ରହ୍ମପୁର ମହାନଗର ନିଗମ ଷ୍ଟାଫ୍ ପକ୍ଷରୁ ସଫେଇ ଓ ପୁନରୁଦ୍ଧାର କାର୍ଯ୍ୟ କରାଯାଉଛି। ଏଥିସହ ଜିଲାର ବିଭିନ୍ନ ସ୍ଥାନରେ ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଜଳ ଯୋଗାଣ ପ୍ରକଳ୍ପ ପୁନରୁଦ୍ଧାର କାର୍ଯ୍ୟ କରାଯାଉଥିବା ସୂଚନା ଦିଆଯାଇଛି ।

### ମହିଳାଙ୍କୁ ଆକ୍ରମଣ, ଅସଦାଚରଣ ମାମଲା
## ଅଭିଯୁକ୍ତ ସ୍ୱାମୀ-ସ୍ତ୍ରୀ, ୩ ପୁଅ ଜେଲ ଗଲେ

**ଦିଗପହଣ୍ଡି,୧୩।୫(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ଖମାରିଗାଁ ପଞ୍ଚାୟତ ଗଡ଼ସାମନ୍ତରାପୁର ଗ୍ରାମର ଜଣେ ମହିଳାଙ୍କୁ ଆକ୍ରମଣ ଓ ଅସଦାଚରଣ ମାମଲାରେ ସୋମବାର କେ.ନୂଆଗାଁ ପୋଲିସ ସ୍ୱାମୀ, ସ୍ତ୍ରୀ ଓ ତାଙ୍କ ୩ ପୁଅଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ ବିପ୍ର ଗୌଡ଼, ସୁନ୍ଦରୀ ଗୌଡ଼ ଓ ତାଙ୍କ ପୁଅ ଲକ୍ଷ୍ମଣ ଗୌଡ଼, ବୁଦ୍ଧୁ ଗୌଡ଼ ଓ ଶତ୍ରୁଘ୍ନ ଗୌଡ଼। ଗତ ଶନିବାର ସନ୍ଧ୍ୟା ପ୍ରାୟ ୭ଟାରେ ମହିଳା ଜଣକ ତାଙ୍କ ବାରିରେ ଠିଆ ହୋଇଥିଲେ। ଅଭିଯୁକ୍ତମାନେ ସଂଘବଦ୍ଧ ହୋଇ ମହିଳାଙ୍କୁ ତଳେ ଘୋଷାରି ନିସ୍ତୁକ ମାଡ଼ ମାରି ତାଙ୍କ ବେକରୁ ପ୍ରାୟ ୩୦ ହଜାର ଟଙ୍କା ମୂଲ୍ୟର ସୁନାହାର ଛଡ଼ାଇ ନେଇଥିଲେ। ଅଭିଯୁକ୍ତମାନଙ୍କ ମାଡରେ ମହିଳାଙ୍କ ଦାନ୍ତ ଭାଙ୍ଗି ଯାଇଥିବା ଏତଲାରେ ଉଲ୍ଲେଖ ରହିଛି। ବିବାଦୀୟ ଜମି ଚାଷକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଦୀର୍ଘଦିନ ଧରି ଶତ୍ରୁତା ଲାଗି ରହିଥିଲା । ବିପ୍ରଙ୍କ ପୁଅ ଲକ୍ଷ୍ମଣ ପୂର୍ବରୁ ମହିଳାଙ୍କ ସ୍ୱାମୀଙ୍କୁ କାତି ଧରି ହାଣିବାକୁ ଗୋଡ଼ାଇଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଆଇଆଇସି ମାଧବାନନ୍ଦ ନାୟକ କହିଛନ୍ତି। ମାମଲା ନଂ ୯୮/୧୯ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି ।

## ଠାକୁରାଣୀ ଯାତ୍ରା: ଅସ୍ଥାୟୀ ଯାତ୍ରାପୀଠରେ ମା' ସାଆନ୍ତାଣୀ

**ଦିଗପହଣ୍ଡି,୧୩।୫(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପଞ୍ଚାୟତ ଅନଙ୍ଗପୁର ଗ୍ରାମରେ ସୋମବାରଠାରୁ ମା' ବୁଢ଼ୀ ଠାକୁରାଣୀ ଯାତ୍ରା ଶୁଭାରମ୍ଭ ହୋଇଯାଇଛି। ବିଳମ୍ବିତ ରାତିରେ ମା'ଙ୍କ ମନ୍ଦିରରେ ପ୍ରଚଳିତ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ପରେ ମା'ଙ୍କ ମସ୍ତକରୁ ଫୁଲମଣ୍ଡା ଖସିଥିଲା। ମା' ସାଆନ୍ତାଣୀ ବାଦ୍ୟ ବାଜଣାର ତାଳେ ତାଳେ ଝୁଲି ଝୁଲି ଗ୍ରାମ ପରିକ୍ରମା କରିବା ପରେ ଅସ୍ଥାୟୀ ଯାତ୍ରା ପୀଠରେ ପହଞ୍ଚିଥିଲେ । ପ୍ରତି ୨ ବର୍ଷ ବ୍ୟବଧାନରେ ଅନୁଷ୍ଠିତ ଯାତ୍ରା ପରିଚାଳନା ପାଇଁ ରୋହିତେଶ୍ୱର ରେଡ୍ଡୀ, ଗୁପ୍ତେଶ୍ୱର ସାହୁ, ଶତ୍ରୁଘ୍ନ ରେଡ୍ଡୀ, ଆପ୍ପାରାଓ ରେଡ୍ଡୀ, କେ. ସାକିଲି ରେଡ୍ଡୀ, ଧୋବା ରେଡ୍ଡୀ, ଶିବ ନାରାୟଣ ପାତ୍ର, ଗୋପାଳ ରେଡ୍ଡୀ, ରମେଶ ଗୌଡ଼, ବୁନା ରେଡ୍ଡୀ ପ୍ରମୁଖ କାର୍ଯ୍ୟକର୍ତ୍ତା ଦାୟିତ୍ୱରେ ରହିଥିବା ବେଳେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ସପ୍ତାହ ବ୍ୟାପୀ ଅନୁଷ୍ଠିତ ଏହି ଯାତ୍ରା ରବିବାର ଭୋରରେ ଉଦ୍‌ଯାପିତ ହେବ ବୋଲି ଜଣାପଡ଼ିଛି।

### ■ ଚାଷୀ, ଆଦିବାସୀଙ୍କ ସ୍ମାରକପତ୍ର ପ୍ରଦାନ
# ଆକଳନ କରି ଫନୀ କ୍ଷତିପୂରଣ ପ୍ରଦାନ ଦାବି

**ଛତ୍ରପୁର,୧୩।୫(ଡି.ଏନ.ଏ)**

ଫନୀ ବାତ୍ୟାରେ ଗଞ୍ଜାମ ଜିଲାରେ ବିଭିନ୍ନ ପନିପରିବା ଓ ଫସଲ କ୍ଷତି ହୋଇଛି। ଚାଷୀମାନେ ଏଥିପାଇଁ କ୍ଷତିପୂରଣ ଦାବି କରିଛନ୍ତି। ଗଞ୍ଜାମ ବ୍ଲକ ସୁବଳୟା ପଞ୍ଚାୟତରେ ହୋଇଥିବା ଫସଲର କ୍ଷତିପୂରଣ ପାଇଁ ସରପଞ୍ଚ, ସମିତିସଭ୍ୟ, ୱାର୍ଡମେମ୍ବର ଏବଂ ଚାଷୀମାନେ ଛତ୍ରପୁର ଆସି ଜିଲାପାଳଙ୍କ ଅନୁପସ୍ଥିତିରେ ଜିଲା ଜରୁରୀକାଳୀନ ଅଧିକାରୀ ଦେବରାଜ ପାତ୍ରଙ୍କୁ ଭେଟି ଦାବି ଜଣାଇଛନ୍ତି। ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ସ୍ଥାନୀୟ ରାଜସ୍ୱ ନିରୀକ୍ଷକ କ୍ଷୟକ୍ଷତି ଆକଳନ ଆରମ୍ଭ କରିନାହାନ୍ତି। ତେଣୁ ତାଙ୍କୁ ଏଥିପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଥିଲା । ସେହିପରି ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ସମ୍ପାଦକ ସୀମାଞ୍ଚଳ ନାହାକଙ୍କ ନେତୃତ୍ୱରେ ଚାଷୀମାନେ ମଧ୍ୟ ଜିଲା ଜରୁରୀକାଳୀନ ଅଧିକାରୀଙ୍କୁ ଭେଟି ଫସଲ କ୍ଷତିପୂରଣ ନେଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗତବର୍ଷ ତିତଲି ଯୋଗୁ ଫସଲ କ୍ଷତି ହୋଇଥିଲା । ଅଧିକାଂଶ ପଞ୍ଚାୟତର ୧୨ ପ୍ରତିଶତରୁ କମ୍ ଚାଷୀ ଫସଲ ବୀମା ସହାୟତା ପାଇଥିବା ମହାସଭା ପକ୍ଷରୁ କୁହାଯାଇଛି। ଛତ୍ରପୁର ବ୍ଲକର କମ୍ ଚାଷୀଙ୍କୁ ମଧ୍ୟ ଫସଲ ବୀମା ସହାୟତା ମିଳିଛି । ଫନୀ ପ୍ରଭାବରେ ଜିଲାରେ ପନିପରିବା, ଲଙ୍କା, କାଜୁ ଆଦି ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ମାତ୍ର ଏ ପର୍ଯ୍ୟନ୍ତ ଫସଲ କ୍ଷତି ଆକଳନ ହୋଇନି । ତୁରନ୍ତ କ୍ଷୟକ୍ଷତି ଆକଳନ କରିବାକୁ ମହାସଭା ପକ୍ଷରୁ ଦାବି ହୋଇଛି । ବେଗୁନିଆପଡା, ପୋଲସରା ଓ ଖଲ୍ଲିକୋଟ ବ୍ଲକର ଆଦିବାସୀମାନେ ମଧ୍ୟ ଛତ୍ରପୁର ଆସି ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ଓ ଜଙ୍ଗଲ ଅଧିକାର ଆଇନ୍‌କୁ କାର୍ଯ୍ୟକାରୀ କରିବା ଦାବି ନେଇ ଜିଲା ଜରୁରୀକାଳୀନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।



ଜିଲା ଜରୁରିକାଳୀନ ଅଧିକାରୀଙ୍କ ସହ ଆଲୋଚନା ଚାଲିଛି ।

## ସ୍ତ୍ରୀ ହତ୍ୟା ମାମଲାରେ ସ୍ୱାମୀଙ୍କୁ ଆଜୀବନ ଜେଲ
### ■ ଯା', ଦେଢ଼ଶୁରଙ୍କୁ ସାଢ଼େ ୩ ବର୍ଷ ସଶ୍ରମ କାରାଦଣ୍ଡ

**ଭଞ୍ଜନଗର,୧୩।୫(ଡି.ଏନ.ଏ.)**

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅନ୍ତର୍ଗତ ମେଣ୍ଟପୁର ଗ୍ରାମର ଜଣେ ନବବଧୂ ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଭଞ୍ଜନଗର ଏଡିଜେ ମହଲତ ସା ଅଭିଯୁକ୍ତ ସ୍ୱାମୀ ଚନ୍ଦ୍ରଧ୍ୱଜ ସ୍ୱାଇଁଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ଏଥିସହ ଦେଢ଼ଶୁର ଭିକାରୀ, ଯା' ରାଜଲକ୍ଷ୍ମୀଙ୍କୁ ଯୌତୁକ ନିର୍ଯାତନା ମାମଲାରେ ସାଢ଼େ ୩ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ମେଣ୍ଟପୁରର ଚନ୍ଦ୍ରଧ୍ୱଜ ୨୦୧୦ ମେ ୧୬ରେ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଝାଡ଼ଭୂମିର ବାସନ୍ତୀଙ୍କୁ ବିବାହ କରିଥିଲେ । ବିବାହ ପରେ ସେମାନଙ୍କ ଦାମ୍ପତ୍ୟ ଜୀବନ କିଛି ମାସ ଭଲରେ କଟିଥିଲା। ସେମାନଙ୍କର ଏକ କନ୍ୟା ସନ୍ତାନଟିଏ ହୋଇଥିଲା। ପରେ ଚନ୍ଦ୍ରଧ୍ୱଜ ପୁଣି ୫୦ ହଜାର ଟଙ୍କା ଅଧିକ ଯୌତୁକ ଆଣିବା ପାଇଁ ସ୍ତ୍ରୀ ବାସନ୍ତୀଙ୍କ ଉପରେ ଚାପ ପକାଇଥିଲେ। ତେବେ ବାସନ୍ତୀଙ୍କ ବାପା ସର୍ବେଶ୍ୱର ଜେନା ମାତ୍ର ୧୦ ହଜାର ଟଙ୍କା ଦେଇଥିଲେ । ଏଥିରେ ଅସନ୍ତୁଷ୍ଟ ହୋଇ ସ୍ୱାମୀ, ଦେଢ଼ଶୁର, ଯା' ବାରମ୍ବାର ବାସନ୍ତୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ । ଏଭଳି ପରିସ୍ଥିତିରେ୨୦୧୩ ଜାନୁୟାରୀ ୯ରେ ବାସନ୍ତୀଙ୍କ ମୃତ୍ୟୁ ଘଟିଥିଲା। ଶାଶୁଘର ଲୋକେ ଯୋଜନାବଦ୍ଧ ଭାବେ ଝିଅକୁ ହତ୍ୟା କରିଛନ୍ତି ବୋଲି ସର୍ବେଶ୍ୱର ସେ ସମୟରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ, ଦେଢ଼ଶୁର ଓ ଯା'ଙ୍କୁ ଗିରଫ କରିଥିଲା। ଦେଢ଼ଶୁର ଓ ଯା' ଜାମିନରେ ମୁକୁଳି ଥିବା ବେଳେ ଅଭିଯୁକ୍ତ ସ୍ୱାମୀ ମାମଲାର ବିଚାର ଦିନଠୁ ଭଞ୍ଜନଗର ଜେଲରେ ରହିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଏମ୍.ତାଜ୍ ଆଦେନୀ ଓ ଚନ୍ଦ୍ରଧ୍ୱଜଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦଣ୍ଡପାଣି ସ୍ୱାଇଁ ଏବଂ ଦେଢ଼ଶୁର, ଯା'ଙ୍କ ପାଇଁ ଆଇନଜୀବୀ ଗୌର ଚନ୍ଦ୍ର ରଥ ମାମଲା ପରିଚାଳନା କରୁଥିଲେ।

### ■ ଫନୀ ବିପନ୍ନଙ୍କୁ କନ୍ଧମାଳ ଜିଲା ପ୍ରଶାସନର ସହାୟତା
# ରିଲିଫ୍ ପାଣ୍ଠିକୁ ୧୦ଲକ୍ଷ ୯୭ ହଜାର ଟଙ୍କା ପ୍ରଦାନ

**ଫୁଲବାଣୀ ଅଫିସ, ୧୩।୫**

ଫନୀ ପ୍ରଭାବିତଙ୍କୁ ସାହାଯ୍ୟର ହାତ ବଢାଇଛି କନ୍ଧମାଳ ଜିଲା ପ୍ରଶାସନ। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଜିଲା ପ୍ରଶାସନ ପକ୍ଷରୁ ୧୦ଲକ୍ଷ ୯୭ ହଜାର ଟଙ୍କା ପ୍ରଦାନ କରାଯାଇଛି । ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ ଶନିବାର ଭୁବନେଶ୍ୱର ଯାଇ ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏହି ଚେକ ପ୍ରଦାନ କରିଥିଲେ। ଜିଲାପାଳ ଡା. ବୃନ୍ଦା ଡ଼ି ବ୍ୟକ୍ତିଗତ ଭାବେ ସମସ୍ତ ଅଧିକାରୀ ତଥା କର୍ମଚାରୀଙ୍କୁ ଫନୀ କ୍ଷତିଗ୍ରସ୍ତଙ୍କୁ ସାହାଯ୍ୟ କରିବାକୁ ନିବେଦନ କରିଥିଲେ। ଆଗକୁ ମଧ୍ୟ ଆଉ କିଛି ଅର୍ଥ ଫନୀ ପ୍ରଭାବିତଙ୍କ ପାଇଁ ଦିଆଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।



ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କୁ ଚେକ ପ୍ରଦାନ କରୁଛନ୍ତି।

# ମା'ବ୍ୟାଘ୍ରଦେବୀଙ୍କ ମନ୍ଦିର ପ୍ରତିଷ୍ଠା

**ଫୁଲବାଣୀ ଅଫିସ, ୧୩।୫**

ଫୁଲବାଣୀ ସହର ନଦୀଖଣ୍ଡି ସାହିରେ ଥିବା ପୁରାତନ ଶକ୍ତିପୀଠ ମା' ବ୍ୟାଘ୍ରଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ସମ୍ପନ୍ନ ହୋଇଛି । ଏହି ଅବସରରେ ପ୍ରାତଃରୁ ମା'ଙ୍କ ଆଳତୀ ଓ ସ୍ନାନ କରାଯାଇଥିଲା । ମଧ୍ୟାହ୍ନ ଧୂପ ସହିତ ମା'ଙ୍କ ବେଶ ଏବଂ ଷୋଡଶ ଉପଚାର ପୂଜା ଏବଂ ସାନ୍ଧ୍ୟ ଆଳତୀ କରାଯାଇଥିଲା । ସ୍ଥାନୀୟ ସାଡିଙ୍ଗିଆରୁ ଆସିଥିବା ଭବାନୀ ଗଣନାଟ୍ୟର କଳାକାରମାନେ 'ମୁକ୍ତି ଅଭିଳାଷୀ ରାବଣ' ନାଟକ ମଂଚସ୍ଥ କରିଥିଲେ। ନଦୀଖଣ୍ଡି ସାହିର ଦୁର୍ଯ୍ୟୋଧନ ମହାପାତ୍ର ଏବଂ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ । ମା'ଙ୍କ ପୀଠରେ ପ୍ରାୟ ୨ଶହ ବର୍ଷ ପୂର୍ବରୁ ପୂଜାପାର୍ବଣ ଅନୁଷ୍ଠିତ ହେଉଥିଲା । ଗତ ବର୍ଷ ଏଠାରେ ମନ୍ଦିର ନିର୍ମାଣ କରାଯାଇଛି ।



ବ୍ୟାଘ୍ରଦେବୀଙ୍କ ମନ୍ଦିର ।

## ଆକ୍ରମଣ ଘଟଣାରେ ୩ ଗିରଫ

**ବୁଗୁଡ଼ା,୧୩।୫(ଡି.ଏନ.ଏ.)**

ବୁଗୁଡ଼ା ଥାନା ଅନ୍ତର୍ଗତ ଚିରିକିପଡ଼ା ଗ୍ରାମରେ ରବିବାର ସନ୍ଧ୍ୟାରେ ବଡ଼ପୁଅଙ୍କ ଆକ୍ରମଣରେ ବାପା ଓ ୩ ଭାଇ ଗୁରୁତର ଘଟଣାରେ ବୁଗୁଡ଼ା ପୋଲିସ ପରିବାରର ୩ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗିରଫମାନେ ହେଲେ ବଡ଼ପୁଅ ରାମକୃଷ୍ଣ ମହାନ୍ତି, ସ୍ତ୍ରୀ ଲକ୍ଷ୍ମୀ ମହାନ୍ତି ଓ ପୁଅ ଲିପୁନ। ଏନେଇ ବୁଗୁଡ଼ା ଥାନାରେ ନଂ. ୮୯/୧୯ରେ ଏକ ମାମଲା ରୁଜୁ ହୋଇଥିଲା । ପ୍ରକାଶ ଯେ, ଚିରିକିପଡ଼ା ଗ୍ରାମରେ ରବିବାର ସନ୍ଧ୍ୟାରେ ଜମିବାଡ଼ି ଭାଗବଣ୍ଟାକୁ କେନ୍ଦ୍ରକରି ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଶେଷରେ କ୍ରୋଧାନ୍ୱିତ ହୋଇ ରାମକୃଷ୍ଣ, ତାଙ୍କ ପୁଅ ଏବଂ ସମ୍ପର୍କୀୟମାନେ ମିଶି ବାପା ରାଘବ ଓ ଭାଇ ଟିଟୁ, ସିଦ୍ଧେଶ୍ୱର ଏବଂ ବାପୁନୀଙ୍କୁ କାତି କୁରାଢ଼ିରେ ମରଣାନ୍ତକ ଆକ୍ରମଣ କରି ଖଣ୍ଡିଆ ଖାବରା କରି ପକାଇଥିଲେ। ବାପା ଓ ତାଙ୍କର ୩ ପୁଅଙ୍କୁ ଗୁରୁତର ଅବସ୍ଥାରେ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ବେଳେ ଟିଟୁ ଓ ସିଦ୍ଧେଶ୍ୱରଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଥିଲା। ଗତ ରାତିରେ ବୁଗୁଡ଼ା ଆଇଆଇସି ଏସ୍‌ଏସ୍ ମାନ୍ଧାତା ଧରାକୋଟ ଥାନା ଅନ୍ତର୍ଗତ ପଙ୍କଲବାଡ଼ିରେ ରହୁଥିବା ରାମକୃଷ୍ଣଙ୍କ ଶ୍ୱଶୁର ଘରୁ ତାଙ୍କୁ, ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ଓ ପୁଅ ଲିପୁନଙ୍କୁ ଗିରଫ କରିଥିଲେ ।

### ■ ଜେଲରୁ କଏଦୀ ଚମ୍ପଟ ଘଟଣା
# ଡିଆଇଜିଙ୍କ ତଦନ୍ତ ଆରମ୍ଭ

**ଫୁଲବାଣୀ ଅଫିସ, ୧୩।୫**

ଫୁଲବାଣୀ ଜିଲା କାରାଗାରରୁ କଏଦୀ ଚମ୍ପଟ ମାରିବା ଘଟଣାରେ ସୋମବାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ଜେଲ ଡିଆଇଜି ରଘୁନାଥ ମାଝି ଆସି ନିଲମ୍ବିତ କାରାରକ୍ଷୀ ଏବଂ ଅନ୍ୟମାନଙ୍କୁ ପଚରାଚରା କରିଛନ୍ତି। ସେହିପରି ଏହି ଘଟଣାରେ ଜଡିତ କାରାରକ୍ଷୀ ଦିଲେଶ୍ୱରୀ କହଁରଙ୍କ ନାମରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପଦ୍ଧତି ଆରମ୍ଭ ହୋଇଥିବା ଜେଲ ସୁପରିଣ୍ଟେଣ୍ଡେଣ୍ଟ ଅନସୂୟା ଜେନା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ଲଡାପଙ୍ଗା ଗ୍ରାମର ଗୋପୀନାଥ ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ପୋକସୋ ଆଇନରେ ଦଣ୍ଡିତ ହୋଇ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଭୋଗୁଥିଲେ। ବୁଧବାର ଫୁଲବାଣୀ ଜିଲା କାରାଗାର ପାଚେରୀ ବାହାର ତଥା ଜେଲ ପରିସର ପରିବା ବଗିଚାରେ କାର୍ଯ୍ୟ କରୁଥିବା ବେଳେ ସେ ଫେରାର ହୋଇଯାଇଥିଲେ। ଜେଲ କର୍ମଚାରୀଙ୍କ ଅସାବଧାନତାର ସୁଯୋଗ ନେଇ ଏକ ବାଇକ୍ ଧରି ଚମ୍ପଟ ମାରିଥିଲେ । ଏହି ଘଟଣାରେ କାର୍ଯ୍ୟରେ ଅବହେଳା ଲାଗି ମୁଖ୍ୟ କାରାରକ୍ଷୀ ଗମାଳ ମଣ୍ଡଳ ଓ କାରାରକ୍ଷୀ ବିଭୂତି ଭୂଷଣ ଦାସଙ୍କୁ ନିଲମ୍ବିତ କରାଯାଇଥିଲା। ଏ ନେଇ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଟାଉନ ଥାନାରେ ଏତଲା ଦେଇଥିଲେ । ସୋମବାର ପର୍ଯ୍ୟନ୍ତ ପୋଲିସ ଗୋପୀନାଥଙ୍କୁ ଧରିବାରେ ସଫଳ ହୋଇନାହିଁ ।



ଜେଲ ଭିତରକୁ ଡିଆଇଜି ଯାଉଛନ୍ତି।

## ଦୁର୍ଘଟଣାରେ ଜଣେ ମୃତ

**କୋଦଳା,୧୩।୫(ଡି.ଏନ୍.ଏ.):** ଗଞ୍ଜାମ ଜିଲା କୋଦଳା ଖରଖରୀ ପୋଲ ନିକଟରେ ସୋମବାର ରାତି ୮ଟାରେ ଏକ ସାଇକେଲକୁ ବାଇକ୍ ଧକ୍କା ଦେବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ସାଇକେଲ ଆରୋହୀଙ୍କ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ବ୍ରହ୍ମପୁର ନିକଟସ୍ଥ ଫୁଲଟା ଗାଁର ନିରଞ୍ଜନ ନାହାକ। କୋଦଳା ନିକଟସ୍ଥ ସାତନଳା ଗ୍ରାମର ବିଶ୍ୱନାଥ ପଣ୍ଡା କୋଦାଳ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ବିଶ୍ୱନାଥ ବେଗୁନିଆପଡ଼ାରୁ ନିଜ ଗ୍ରାମକୁ ସାଇକେଲରେ ଫେରୁଥିବା ବେଳେ ପଛପଟୁ ନିରଞ୍ଜନଙ୍କ ବାଇକ୍ ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ନିରଞ୍ଜନଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ବିଶ୍ୱନାଥଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପୋଲିସ ପହଞ୍ଚି ସାଇକେଲ ଓ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି।

# କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

**ଶଙ୍କରାଖୋଲ,୧୩।୫(ଡି.ଏନ୍.ଏ.)**

କାଳବୈଶାଖୀ ପ୍ରଭାବରେ ଚକାପାଦ ବ୍ଲକ (ଏଲ୍) ବପଲମେଣ୍ଡି ଓ କୁସୁମେଣ୍ଡି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବହୁ ଘରର ଛପର ଉଡ଼ି ଯାଇଥିବା ବେଳେ କାନ୍ଥ ପଡ଼ି ଘର ଭାଙ୍ଗିଯାଇଛି। ବର୍ଷାରେ ଅଧିକାଂଶ ଘରେ ବିଭିନ୍ନ ସାମଗ୍ରୀ ଭିଜିଯାଇଛି। କୁସୁମେଣ୍ଡି ପଞ୍ଚାୟତ ପିପଳ ସାହିର ରାହୁଳ ନାୟକ, ହାଟପଦାର ପୁଷ୍ପଲତା ନାୟକ, ଜିତେନ୍ଦ୍ର ନାୟକ, ବନମାଳୀ ନାୟକ, ପଣସପଦର ଗ୍ରାମର ସୁମନ୍ତ ସାହୁ, ବେରେଡ଼ାପଦର ଗୌରଚନ୍ଦ୍ର ପ୍ରଧାନ, ଟୁକୁନା ପ୍ରଧାନଙ୍କ ଘରର ବ୍ୟାପକ କ୍ଷତି ହୋଇଛି। ସେହିପରି (ଏଲ୍) ବପଲମେଣ୍ଡି ପଞ୍ଚାୟତ ପାଣ୍ଡୁଗୁଡ଼ାର ପଙ୍କଜ ସାହୁ , ଶୁଶୀଳା ନାୟକ, ସୁଶାନ୍ତ ନାୟକ, କୃଷ୍ଣ ନାୟକ, ଡଙ୍କୁଣିର କୁମୁଦ ଦିଗାଳ, ଶୁରସା କହଁର ଆଦି ୩୦ରୁ ୩୫ ପରିବାରର ବ୍ୟାପକ କ୍ଷତି ହୋଇଛି। ଲାଇନପଡ଼ା ଆର୍‌ଆଇ ସାନ୍ତନୁ ବେହେରା, ଚକାପାଦ ତହସିଲଦାର ପ୍ରଣତୀ ପ୍ରିୟଦର୍ଶିନୀ ରାଉତ କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ଭେଟି ସମସ୍ୟା ପଚାରି ବୁଝିଛନ୍ତି। କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।



ପଙ୍କଜ ସାହୁଙ୍କ ଘରର ଟିଣ ଉଡିଯାଇଛି।

### ■ ଅପରାଧ ସମୀକ୍ଷା କଲେ ଗଞ୍ଜାମ ଏସପି
# ଭୋଟ ଗଣତି ପରେ ସତର୍କ ରହିବାକୁ ନିର୍ଦ୍ଦେଶ

**ଛତ୍ରପୁର,୧୩।୫(ଡି.ଏନ.ଏ)**

ଗଞ୍ଜାମ ପୋଲିସ ଜିଲା ଅଧୀନ ପୁରୁଷୋତ୍ତମପୁର ଓ ଛତ୍ରପୁର ଉପଖଣ୍ଡ ଅଧୀନ ସମସ୍ତ ଥାନାର ଅପରାଧ ସମୀକ୍ଷା ବୈଠକ ସୋମବାର ଛତ୍ରପୁରସ୍ଥିତ ଗଞ୍ଜାମ ଏସପିଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସପି ବ୍ରିଜେଶ କୁମାର ରଏ ଅଧ୍ୟକ୍ଷତା କରିଥିଲେ। ସମସ୍ତ ଥାନାୱାରୀ ଅପରାଧ ସମୀକ୍ଷା କରାଯାଇଥିଲା । ଥାନାରେ ପଡ଼ି ରହିଥିବା ମାମଲାଗୁଡିକର ତଦନ୍ତ ସାରିବାକୁ ଆଇଆଇସିମାନଙ୍କୁ ବୈଠକରେ ଏସପି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୩ରେ ଭୋଟ ଗଣତି ହେବ । ଫଳାଫଳକୁ ନେଇ ସାଧାରଣତଃ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥାଏ। ଏଥିଲାଗି ସତର୍କ ରହିବାକୁ ଏସପି କହିଥିଲେ । ଶାନ୍ତିଶୃଙ୍ଖଳାରେ ଯେଭଳି ଭୋଟ ଗଣତି ହେବ ଏବଂ ପରବର୍ତ୍ତୀ ସମୟରେ ଶାନ୍ତି କାଏମ ରହିବ ସେଥିପ୍ରତି ଧ୍ୟାନ ଦେବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ଏସପି କହିଛନ୍ତି। ଏଥିସହ ବେଆଇନ୍ ମଦ କାରବାର ଉପରେ ଅଙ୍କୁଶ ଲଗାଇବାକୁ ଆହୁରି ଉଦ୍ୟମ କରିବାକୁ ପରାମର୍ଶ ଦିଆଯାଇଛି । ଫନୀ ବାତ୍ୟାରେ ପୁରୀ ଜିଲାର ବିପନ୍ନଙ୍କ ସହାୟତା ପାଇଁ ଗଞ୍ଜାମ ପୋଲିସ ବିଭିନ୍ନ ସହାୟତା କରିଆସୁଥିବା ଆଲୋଚନା ହୋଇଥିଲା । ଏହି ପୋଲିସ ଜିଲାରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀ ବାତ୍ୟା ବିପନ୍ନଙ୍କ ପାଇଁ ସହାୟତା ଦେଇଥିବାରୁ ଏସପି ଧନ୍ୟବାଦ ଦେଇଥିଲେ । ପାଟ୍ରୋଲିଂକୁ କଡାକଡି କରିବାକୁ କୁହାଯାଇଥିଲା । ବୈଠକରେ ଅତିରିକ୍ତ ଏସ୍‌ପି ପତିତପାବନ ଚୌଧୁରୀ, ସୀତାରାମ ଶତପଥୀ ଓ ଅମରେଶ ପଣ୍ଡା, ଡିଏସପି ଦିଲୀପ ଦାଶ, ଡିଆଇବି ଡିଏସପି ପ୍ରଦୀପ ଦଳେଇ, ଛତ୍ରପୁର ଏସଡିପିଓ ଉତ୍କଳ କେଶରୀ ଦାଶ, ପୁରୁଷୋତ୍ତମପୁର ଏସଡିପିଓ ନୀଳମଣି ଚନ୍ଦ୍ର ସେଠୀ ପ୍ରମୁଖଙ୍କ ସମେତ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ । ମଙ୍ଗଳବାର ଭଞ୍ଜନଗର ଓ ଆସିକା ଉପଖଣ୍ଡ ଅଧୀନ ସମସ୍ତ ଥାନାର ଅପରାଧ ସମୀକ୍ଷା କରାଯିବ ବୋଲି ସୂଚନା ମିଳିଛି ।



ଏସପି ସମୀକ୍ଷା କରୁଛନ୍ତି।

## ସଂକ୍ଷେପରେ

### କାର-ଅଟୋ ମୁହାଁମୁହିଁ ଧକ୍କା, ୧୦ରୁ ଊର୍ଦ୍ଧ୍ୱ ଆହତ

କୋରାପୁଟ/ନନ୍ଦପୁର,୧୩/୫(ସ୍ୱ.ପ୍ର): କୋରାପୁଟ ଜିଲା ନନ୍ଦପୁର ବ୍ଲକଠାରୁ ୭ କିମି ଦୂର ସାତସେମିଳି ଗ୍ରାମଠାରେ କାର ଓ ଅଟୋ ମଧ୍ୟରେ ମୁହାଁ ମୁହିଁ ଧକ୍କା ହେବାରୁ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ସେମାନେ ହେଲେ ଅଟୋ ଡ୍ରାଇଭର ବାସୁ ଖରା(୩୦), ବୃନ୍ଦା ପାଙ୍ଗି(୪୦), ଗୋବର୍ଦ୍ଧନ ବୁରୁଡି(୫୦), ଭାନୁମତୀ କିର୍ସାନୀ (୪୫) ଓ ପାର୍ବତୀ ଭୋଇ । ସେମାନଙ୍କୁ କୋରାପୁଟ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି । ନନ୍ଦପୁର ବ୍ଲକର ପରଜାବୁରୁଡା ଗ୍ରାମର ୧୦ ଜଣ ବ୍ୟକ୍ତି ଏକ ଅଟୋରେ ଆଧାର କାର୍ଡ ନିମନ୍ତେ ଫଟୋ ଉଠାଇବାକୁ ନନ୍ଦପୁର ଯାଉଥିଲେ। ସାତସେମିଳି ଗ୍ରାମଠାରେ କିଛି ସମୟ ରହିଥିଲେ । ଏହି ସମୟରେ ବିପରୀତ ଦିଗରୁ ଲମତାପୁଟ ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ଗ୍ରାମପଞ୍ଚାୟତ ଅଧିକାରୀ ଶ୍ରୀନିବାସ ପଟ୍ଟନାୟକଙ୍କ କାର ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଅଟୋ ଚାଳକ ବାସୁ ଖରାଙ୍କ ସମେତ ୧୦ ଜଣ ଆହତ ହୋଇଥିଲେ । ଆହତମାନଙ୍କୁ ପ୍ରଥମେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତୀ କରାଯାଇଥିଲା। ପରେ ୫ ଗୁରୁତରଙ୍କୁ କୋରାପୁଟ ମେଡ଼ିକାଲକୁ ପଠାଇଥିଲା । ପୋଲିସ ଉକ୍ତ ଦୁଇ ଗାଡ଼ିକୁ ଜବତ କରିବା ସହ ଏକ ମାମଲା(ନଂ ୨୪/୧୯) ରୁଜୁ କରି ତଦନ୍ତ ଚାଲିଥିବା ଏଏସଆଇ ଦୀପକ ନାୟକ ପ୍ରକାଶ କରିଛନ୍ତି ।

### ମା' ଅଗ୍ନି ଗଙ୍ଗାଙ୍କ ଯାତ୍ରା ନେଇ ବୈଠକ



ସେମିଳିଗୁଡା,୧୩।୫ (ସ୍ୱ.ପ୍ର.): କୋରାପୁଟ ଜିଲା ସେମିଳିଗୁଡା ମା' ଅଗ୍ନି ଗଙ୍ଗାଙ୍କର ଯାତ୍ରା ନିମନ୍ତେ ସୋମବାର ଅପରାହ୍ନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସେମିଳିଗୁଡା ଥାନା ଆଇଆଇସି ସମ୍ବିତ ବେହେରା ପୌରୋହିତ୍ୟ କରିଥିଲେ। ଏହି ଯାତ୍ରା ଆସନ୍ତା ୨୦ ତାରିଖରୁ ଆରମ୍ଭ ହୋଇ ୨୯ ରେ ଶେଷ ହେବ। ଶାନ୍ତିଶୃଙ୍ଖଳା ସହ ଯାତ୍ରା କିପରି ସୁରୁଖୁରୁରେ ଅନୁଷ୍ଠିତ ହେବ ସେନେଇ ଆଲୋଚନା ହୋଇଥିଲା। ପୋଲିସ ପ୍ରଶାସନ ଓ ଗ୍ରାମ କମିଟି ଯାତ୍ରା ସୁରୁଖୁରୁରେ ହେବା ପାଇଁ ନିଷ୍ପତ୍ତି କରାଯାଇଛି। ଏଥିରେ କେହି ବିଶୃଙ୍ଖଳା ସୃଷ୍ଟି କଲେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବୈଠକରେ ଉପସଭାପତି ଏଲ. ପ୍ରଦୀପ ପାତ୍ର, ହେମ ବିଶୋୟୀ, ଅମିତ ଜେନା, ଏସ.କେ. ଗଣ୍ଡା, ବିଜୟ ନାୟକ, କେ. ଭେଙ୍କେଟେଶ୍ୱର ରାଓ, ପ୍ରତାପ କୁମାର ସ୍ୱାଇଁ, ଅଶୋକ ପ୍ରଧାନ, ଈଶ୍ୱର ରାଓ, ଟୁନା ସାହୁ, ଟୁକୁନା ରାଉତ, ମନୋଜ ବରଡ ପ୍ରମୁଖ ଯୋଗ ଦେଇଥିଲେ।

### ଗଛରୁ ପଡି ଛାତ୍ରଙ୍କ ହାତ ଭାଙ୍ଗିଲା

କୋରାପୁଟ,୧୩।୫(ସ୍ୱ.ପ୍ର):କୋରାପୁଟ ବ୍ଲକ ହିରିଡିପୁଟ ଗ୍ରାମରେ ଆମ୍ବ ଗଛରୁ ଖସି ଜଣେ ଛାତ୍ରଙ୍କ ୨ ହାତ ଭାଙ୍ଗିଯାଇଛି। ସେ ହେଲେ ଭଗବାନ ଗୌଡଙ୍କ ପୁଅ ପଦ୍ମନ ଗୌଡ(୧୩)। ତାଙ୍କୁ କୋରାପୁଟ ମେଡ଼ିକାଲ କଲେଜରେ ଭର୍ତ୍ତି କରାଯାଇଛି । ପଦ୍ମନ ସାଙ୍ଗମାନଙ୍କ ସହ ଆମ୍ବ ତୋଳିବାକୁ ଗଛରେ ଚଢ଼ିଥିଲେ । ଡ଼ାଳ ଭାଙ୍ଗିଯିବାରୁ ସେ ତଳେ ପଡ଼ିଯାଇଥିଲେ । ଫଳରେ ତାଙ୍କର ଦୁଇ ହାତ ଭାଙ୍ଗି ଯାଇଥିଲା ।

■ ରେଲୱେ ଅଣ୍ଡର ବ୍ରିଜ ନିର୍ମାଣ ଦାବି

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ୬ ଗ୍ରାମର ଲୋକେ

କୋରାପୁଟ,୧୩।୫(ସ୍ୱ.ପ୍ର)



ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ ।

କୋରାପୁଟ ବ୍ଲକ ମାନବାର ପଞ୍ଚାୟତର ଜର୍ତୀ ଗ୍ରାମଠାରେ ଏକ ରେଲୱେ ଅଣ୍ଡର ବ୍ରିଜ ନିର୍ମାଣ ନେଇ ଦାବି ହୋଇଛି । ଏନେଇ ୬ ଖଣ୍ଡ ଗ୍ରାମର ଲୋକେ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

କୋରାପୁଟ ବ୍ଲକ ମାନବାର ପଞ୍ଚାୟତର ଜର୍ତୀ ଗ୍ରାମଦେଇ ରେଲଲାଇନ ଯାଇଛି । ଏହାଦ୍ୱାରା ଜର୍ତୀ ଗ୍ରାମବାସୀଙ୍କ ସହ ମେଣ୍ଡାଗୁଡା, ଚଳପଦର, ଲାଠିଗୁଡା, ଲଛିପଦର ,ଦୁରପଦର ଆଦି ୬ ଟି ଗ୍ରାମର ୧୫ ଶହରୁ ଊର୍ଦ୍ଧ୍ୱ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କୋରାପୁଟରୁ ଛତିଶଗଡର କିରଣ୍ଡଲକୁ ଯାଇଥିବା ଏହି ରେଲଲାଇନ ଯୋଗୁଁ ଜର୍ତୀଠାରେ ଅଧିକାଂଶ ସମୟ ଗ୍ରାମବାସୀ ଓ ଗୋରୁ ଗାଈଙ୍କ ମୃତ୍ୟୁ ଘଟୁଛି । ଗ୍ରାମର କେହି ଅସୁସ୍ଥ ହେଲେ ତାଙ୍କୁ ଏହି ରେଲଲାଇନ ଉପରେ ଚଢ଼ି କୋରାପୁଟ ଆସିବାକୁ ପଡ଼ିଥାଏ । ତେଣୁ ଏଠାରେ ରେଲବାଇ ପକ୍ଷରୁ ରେଲୱେ ଅଣ୍ଡରବ୍ରିଜ ନିର୍ମାଣ କରିବାକୁ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାନ୍ତି । ଏନେଇ ଗତ ଏପ୍ରିଲ ୧୧ ତାରିଖରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳ ଲଳିତ କୁମାର କହଁର ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରି ଲିଖିତ ପ୍ରତିଶ୍ରୁତି ଦେବା ପରେ ଲୋକେ ମତଦାନ କରିଥିଲେ। ଏହି ସମୟ ମଧ୍ୟରେ ରେଲୱେର ପୂର୍ବତଟ ରେଲୱେ ବିଭାଗର ଡେପୁଟି ସଚିବ ପି.କେ. ମହାପାତ୍ରଙ୍କ ଚିଠିସଂଖ୍ୟା ୯୦୩/୨୦୧୯ ତା ୩୦।୪।୨୦୧୯ ରେ ଜର୍ତୀ ଗ୍ରାମଠାରେ ଏକ ରେଲୱେ ଅଣ୍ଡର ବ୍ରିଜ ନିର୍ମାଣ ନେଇ ସହମତି ପ୍ରକାଶ କରିଥିବା ଜଣାଯାଇଛି । ଏଥିନେଇ ଜିଲା ପ୍ରଶାସନ ଜରିଆରେ ଏହି ବ୍ରିଜର ନିର୍ମାଣ ଖର୍ଚ୍ଚ ବହନ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ସ୍ୱୀକୃତି ପତ୍ର ପ୍ରଦାନ କରିବାକୁ କୁହାଯାଇଛି । ତେଣୁ ବର୍ତ୍ତମାନ ଜିଲା ପ୍ରଶାସନ ଏଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି । ଦାବିପତ୍ର ପ୍ରଦାନ ବେଳେ ୬ ଟି ଗ୍ରାମର ଲକ୍ଷ୍ମଣ ଜାନି, ମାଧବ ଜାନୀ, ଟକ ଗୌଡ, ଚନ୍ଦ୍ର ଗୌଡ ଦୁଲ୍ଲଭ ଶାନ୍ତା, ରୁପା ସାନ୍ତା, ବାସୁ ସାନ୍ତା, ବୁଧୁ ସାନ୍ତା, ମଙ୍ଗଳଦାନ ଖିଲ, କମଳଲୋଚନ ବେନିଆ, ନନ୍ଦ ବଡନାୟକ, ଲଛମନ ଗୋଲରୀ, ଭଗବାନ ଜାନି, ରାମ ପାଙ୍ଗି, ଦାମଦର ମୁଦୁଲି ପ୍ରମୁଖ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ରକ୍ତ ଦେଇ ପ୍ରସୂତିଙ୍କ ଜୀବନ ବଞ୍ଚାଇଲେ ଡାକ୍ତର



ଡାକ୍ତର ରକ୍ତଦାନ କରୁଛନ୍ତି ।

କୋରାପୁଟ,୧୩।୫(ସ୍ୱ.ପ୍ର)

କୋରାପୁଟ ମେଡିକାଲରେ ଗୁରୁତର ଅବସ୍ଥାରେ ଥିବା ପ୍ରସୂତିଙ୍କୁ ରକ୍ତ ଦେଇ ଜଣେ ଡାକ୍ତର ତାଙ୍କ ଜୀବନ ବଞ୍ଚାଇଛନ୍ତି। ଏହି ଖବର ମେଡ଼ିକାଲରେ ଚର୍ଚ୍ଚାର ବିଷୟ ହୋଇଛି।

ରବିବାର ରାୟଗଡା ଅଞ୍ଚଳର ଡି. ଅଜୟଙ୍କ ପତ୍ନୀ କବିତାଙ୍କର ଗର୍ଭ ଯନ୍ତ୍ରଣା ହେବାରୁ ତାଙ୍କୁ କୋରାପୁଟ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ରବିବାର ସନ୍ଧ୍ୟାରେ ସେ ଏକ ମୃତ ସନ୍ତାନ ଜନ୍ମ ଦେଇଥିଲେ । ପରେ ଅତ୍ୟଧିକ ରକ୍ତସ୍ରାବ ହେବାରୁ ସେ ଗୁରୁତର ହୋଇପଡ଼ିଥିଲେ । କବିତାଙ୍କୁ ରକ୍ତ ଦେବା ଅତ୍ୟନ୍ତ ଜରୁରୀ ବୋଲି ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ପ୍ରକାଶ କରିଥିଲେ । ପରେ ଅଜୟ କୋରାପୁଟ ମେଡିକାଲର ବ୍ଲଡ ବ୍ୟାଙ୍କକୁ ଯାଇଥିଲେ । ହେଲେ ସେଠାରେ କବିତାଙ୍କ ବ୍ଲଡ ଗ୍ରୁପ ଏ ପଜେଟିଭ ରକ୍ତ ଉପଲବ୍ଧ ନ ଥିଲା। ତେଣୁ ସେ ରକ୍ତ ପାଇଁ ବିଭିନ୍ନ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ କିଛି ଲାଭ ହୋଇ ନ ଥିଲା । ଚିନ୍ତିତ ହୋଇ ଅଜୟ ସୋମବାର ସକାଳେ କୋରାପୁଟ ବସଷ୍ଟାଣ୍ଡରେ ବୁଲୁଥିବାବେଳେ ଅଚାନକ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଡ଼ାକ୍ତର ସ୍ୱସ୍ତିକ ପ୍ରୟାଗଙ୍କ ସହ ଦେଖା ହୋଇଥିଲା । ସେ ତାଙ୍କ ସମସ୍ୟା ସମ୍ପର୍କରେ ଡ଼ାକ୍ତର ସ୍ୱସ୍ତିକଙ୍କୁ ଜଣାଇଥିଲେ। ହେଲେ ଡ଼ାକ୍ତର ସ୍ୱସ୍ତିକ ଜୟପୁର ଯିବା ବଦଳରେ କୋରାପୁଟ ମେଡିକାଲ ଆସି ରକ୍ତଦାନ କରିଥିଲେ । ରକ୍ତପାଇ କବିତାଙ୍କ ଅବସ୍ଥାରେ ସୁଧାର ଆସିଥିଲା । ବର୍ତ୍ତମାନ ସେ ସୁସ୍ଥ ଥିବା ମେଡିକାଲ ପକ୍ଷରୁ ଜଣାଯାଇଛି। ଡାକ୍ତର ସ୍ୱସ୍ତିକଙ୍କ ଏପରି ମହାନତା କାର୍ଯ୍ୟକୁ ନେଇ ସାଧାରଣରେ ପ୍ରଶଂସା କରାଯାଇଛି ।

## କାଳବୈଶାଖୀରେ ଉଡ଼ିଲା ୧୯ ଘର ଛପର

ବନ୍ଧୁଗାଁ,୧୩।୫(ଡି.ଏନ୍.ଏ.)



କାଳବୈଶାଖୀରେ ଉଡ଼ିଯାଇଥିବା ଟାଇଲଛପର ।

କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକରେ ରବିବାର କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ଓ ପବନ ହୋଇଥିଲା । ଫଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏଥିସହ ୨ଟି ପଞ୍ଚାୟତରେ ପ୍ରାୟ ୧୯ଗୋଟି ଘରର ଛପର, ଟିଣ, ଟାଇଲ ଓ ଆଜବେଷ୍ଟ ଉଡ଼ିଯାଇଛି । ଜାଗୁଗୁଡା ପଞ୍ଚାୟତ ନାକଟି ଗ୍ରାମର ଛୋଟ ମେଲେକା, ଆଲୁମନି ପୁଓ୍ୱା, ପାଇଣ୍ଡି ମେଲେକା, ରାମ ଶମୀ ମାଣ୍ଡିଙ୍ଗ, ନାତି ମେଲେକା, ବାସନ୍ତି ଖରା, କୁମୁଟି ମେଲେକାଙ୍କ ଘର ନଷ୍ଟ ହୋଇଯାଇଛି। ସେହିପରି ପାର୍ଥିଙ୍ଗ ଗ୍ରାମର ଶୁବୁଲୁ ହିକ୍‌କା, ଟେପୁଟି ହୁଇକା, ବୁଛାନା ହୁଇକା, ରାଜେୟା ହୁଇକା ଏବଂ ବଡ଼କାରଲୀ ଗାଁର ବୁଛାନା ଗୁଣୁକାଙ୍କ ଛପର ଉଡ଼ିଯାଇଛି। ସେହିପରି କୁମ୍ଭାରୀପଟୁ ପଞ୍ଚାୟତର ଗିନିଜିଖାଲ ଗ୍ରାମର କାଡ୍ରାକା ବେଙ୍ଗୁ, ବିନୋଦ ମାଣ୍ଡିଙ୍ଗ, ଶହଦେବ ମାଣ୍ଡିଙ୍ଗ, ଗୋପାନା ମେଲେକା, ମିନା ଜାକାକା ଓ ଅନ୍ତ ମେଲେକାଙ୍କ ଆଜବେଷ୍ଟସ, ଟାଇଲ, ଟିଣ ଆଦି ଉଡିଯାଇଛି। ଏନେଇ ଗ୍ରାମବାସୀ ଆରଆଇଙ୍କୁ ଜଣାଇବା ପାଇଁ ଯାଇଥିଲେ । ହେଲେ କାର୍ଯ୍ୟାଳୟରେ ତାଲା ପଡିଥିବାରୁ ନିରାଶ ହୋଇ ଫେରିଥିଲେ । ପରେ ମୋବାଇଲ ଯୋଗାଯୋଗ କରିବାରୁ, ଗାଁକୁ ଯାଇ ତଦାରଖ କରିବେ ବୋଲି ଆରଆଇ ଗ୍ରାମବାସୀଙ୍କୁ କହିଥିଲେ । ବର୍ତ୍ତମାନ କ୍ଷତିଗ୍ରସ୍ତ ପରିବାର ଲୋକେ ଭୋକ ଉପାସରେ ଖୋଲା ଆକାଶ ତଳେ ଓ ଗଛମୂଳରେ ଆଶ୍ରୟ ନେଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ସେମାନଙ୍କୁ ସରକାରୀ ସହାୟତା ପ୍ରଦାନ କରାଯାଇ ନ ଥିବା ଜଣାଯାଇଛି ।

## ଭାଗବତ ସପ୍ତାହ ଉଦ୍‌ଯାପିତ

କୋରାପୁଟ,୧୩।୫(ସ୍ୱ.ପ୍ର)

କୋରାପୁଟ ଠିକାଦାର ସଂଘ ପକ୍ଷରୁ ଗତ ୭ ତାରିଖରୁ ସ୍ଥାନୀୟ ପ୍ରେସକ୍ଲବ ନିକଟସ୍ଥ ଶ୍ରୀରାମ ମନ୍ଦିର ପରିସରରେ ଚାଲିଥିବା ପଚଂବିଂଶତମ ଭାଗବତ ସପ୍ତାହ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ସନ୍ଧ୍ୟା ଆଳତି କରାଯାଇ ପ୍ରବଚନ କାର୍ଯ୍ୟକ୍ରମ କରାଯାଉଥିଲା । ଆର୍ଶିବାଦ ମହାରାଜାଙ୍କ ଦ୍ୱାରା ଭାଗବତ ପରାୟଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ସହରର ଶତାଧିକ ପୁରୁଷ ଓ ମହିଳା ଉପସ୍ଥିତ ରହି ପ୍ରବଚନ ଶୁଣିଥିଲେ । ଏହି ସପ୍ତାହ ବ୍ୟାପୀ ଚାଲିଥିବା କାର୍ଯ୍ୟକ୍ରମରେ କୋରାପୁଟ ଠିକାଦାର ସଂଘର ସମସ୍ତ ସଦସ୍ୟ ସାମିଲ ହୋଇ ପରିଚାଳନାରେ ସହାୟତା କରିଥିଲେ ।



ସଂଘ ପକ୍ଷରୁ କୋରାପୁଟ ଆରପିଏଫ୍ ପୋଲିସକୁ ଦାବିପତ୍ର ପ୍ରଦାନ କରାଯାଉଛି ।

■ ରେଲୱେ ଜମିହରା ସଂଘର ଆନ୍ଦୋଳନ ଚେତାବନୀ

## ଜିଲାପାଳ, ରେଲୱେ ଡିଆର୍‌ଏମ୍‌ଙ୍କୁ ଦାବିପତ୍ର

କୋରାପୁଟ,୧୩।୫(ସ୍ୱ.ପ୍ର)

କୋରାପୁଟ ରାୟଗଡା ରେଲୱେ ଲାଇନ ସହିତ ବର୍ତ୍ତମାନ ବିଭାଗର ସଂପ୍ରସାରଣ ଲାଇନ କାର୍ଯ୍ୟ ନିମନ୍ତେ ନିଜର ଜମିହରାଇଥିବା ଲୋକଙ୍କୁ ଉପଯୁକ୍ତ କ୍ଷତିପୁରଣ ଦିଆଯାଇ ନାହିଁ। ଏଥିପାଇଁ ଆନ୍ଦୋଳ କରାଯିବ ବୋଲି କରି ସୋମବାର ଅବିଭକ୍ତ କୋରାପୁଟ ଜିଲା ରେଲୱେ ଜମିହରା ସଂଘ ରେଲୱେ ବିଭାଗ, ରାୟଗଡା ଡିଆରଏମ୍, ଜିଲାପାଳ ଓ ଏସ୍‌ପିଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଗତ ୧୯୮୪ରେ ଏହି କୋରାପୁଟ-ରାୟଗଡା ଲାଇନ ପ୍ରଥମ କରି ନିର୍ମାଣ ବେଳେ ଜମି ହରାଙ୍କୁ ଏକର ପିଛା ୧୫ଶହରୁ ୨ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ରେଲୱେ ପକ୍ଷରୁ ସମ୍ପ୍ରସାରଣ ଲାଇନ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଥିବାବେଳେ ଜମିହରାଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଇନଥିବା ନେଇ ଅବିଭକ୍ତ କୋରାପୁଟ ଜିଲା ରେଲୱେ ଜମିହରା ସଂଘର ସଭାପତି ଜଳନ୍ଧର ଖିଲ, ସଂପାଦକ ପଦନ ଗୌଡ କହିଛନ୍ତି। ରେଲୱେ ପକ୍ଷରୁ ଲକ୍ଷ ଲକ୍ଷ ପଦବୀ ବହାରୁଥିବାବେଳେ ଏଥିରେ ଏହି ଜମିହରାମାନଙ୍କୁ କୌଣସି ପଦବୀ ମିଳୁନାହିଁ। ଜମି ହରାଇଥିବା ହିତାଧିକାରୀମାନଙ୍କୁ ଚାକିରି ଯୋଗାଇବା, ନଚେତ ସେମାନଙ୍କ ଥଇଥାନ କରିବା, ପନର୍ବାର ଜମି ଚିହ୍ନଟ କରିବା, ବର୍ତ୍ତମାନ ଜମିର ଦର ହିସାବରେ କ୍ଷତିପୂରଣ ପ୍ରଦାନ କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବି ସମାଧାନ ଉପରେ ବିଭାଗ ତୁରନ୍ତ ପଦକ୍ଷେପ ନ ନେଲେ ଅବିଭକ୍ତ କୋରାପୁଟ ଜିଲା ରେଲୱେ ଜମିହରା ସଂଘ ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯିବା ସହ ବର୍ତ୍ତମାନ ଚାଲିଥିବା ରେଲୱେ ସଂପ୍ରସାରଣ କାର୍ଯ୍ୟକୁ ବନ୍ଦ କରାଯିବ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଦାବିପତ୍ର ପ୍ରଦାନ ବେଳେ ସଂଘର ସଭାପତି, ସଂପାଦକଙ୍କ ନେତୃତ୍ୱରେ କେ.ଏଲ ଗୌଡ, ହୃଷିକେଶ ହିଆଲ, ସାପୁରା ହିକ୍‌କାଙ୍କ ସମେତ ସଂଘର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଭୂତକୋଠି ପାଲଟିଛି ଅଙ୍ଗନୱାଡ଼ି କେନ୍ଦ୍ର

ବନ୍ଧୁଗାଁ,୧୩।୫(ଡି.ଏନ୍.ଏ.)

ବନ୍ଧୁଗାଁ ବ୍ଲକର କାପଲଡା ପଞ୍ଚାୟତ ପିପଲପଦର ଗ୍ରାମରେ ରହିଛି ଏକ ଅଙ୍ଗନୱାଡ଼ି କେନ୍ଦ୍ର । ଏହା ଏବେ ଭୂତକୋଠି ପାଲଟିଛି। କାହିଁକି ଏହା ବନ୍ଦ ରହିଛି କାହାରି ପାଖରେ ଖବରନାହିଁ ।

୨୦୧୫-୧୬ ବର୍ଷରେ ୫ଲକ୍ଷ ଟଙ୍କା ବ୍ୟୟରେ ଏହା ନିର୍ମାଣ କରାଯାଇଥିଲା । ଏହି କେନ୍ଦ୍ର ଖୋଲିବା ପରେ ଗ୍ରାମବାସୀ ଖୁସି ହୋଇଥିଲେ । ଭାବିଥିଲେ ଗାଁ ପିଲାମାନେ ପାଠ ପଢିବେ । ଏହା କିଛି ଦିନ ଚାଲିଲା ସତ ହେଲେ ପରବର୍ତ୍ତୀ ସମୟରେ ତାହା ବନ୍ଦ ହୋଇଥିଲା। ବର୍ତ୍ତମାନ ଉକ୍ତ କେନ୍ଦ୍ର ଚାରିପଟ ଅନାବନା ଗଛରେ ଭର୍ତ୍ତି ହୋଇଛି। ଏମିତି କି କେହି ଏହି ଗୃହର ଝରକା, କବାଟ ତାଡ଼ି ନେଇଛନ୍ତି । କୌଣସି କାରଣକୁ ନେଇ ଦୁଇଟି କେନ୍ଦ୍ରର କର୍ମୀମାନେ ଗୋଟିଏ କେନ୍ଦ୍ରରେ ରହୁଛନ୍ତି। ଏହା କାହିଁକି ବନ୍ଦ ରହିଛି, ଆମେ ଜାଣିନାହୁଁ ବୋଲି ୱାର୍ଡ ସଭ୍ୟ ହିମିରିକା ବଳରାମ, ଓ ହିମିରିକା ମହନ୍ତ , ହିମିରିକା ଚିତରୁ ହିମିରିକା ପାରେୟା ପ୍ରମୁଖ କହିଛନ୍ତି। ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହୋଇଛି ।



ଅଙ୍ଗନୱାଡ଼ି କେନ୍ଦ୍ର ଚାରିପଟେ ଥିବା ଅନାବନା ଗଛ ।

■ ଚୂନ ଅତଡା ଖସି ୩ ମୃତ୍ୟୁ ଘଟଣା

## ମୃତକଙ୍କ ପରିବାରବର୍ଗଙ୍କୁ ସହାୟତା

ପଟ୍ଟାଙ୍ଗି,୧୩।୫(ଡି.ଏନ.ଏ)



ମୃତକଙ୍କ ପରିବାର ସଦସ୍ୟଙ୍କୁ ଚେକ୍ ପ୍ରଦାନ କରାଯାଉଛି ।

ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ଚନ୍ଦକା ପଞ୍ଚାୟତ ର ୩ ଜଣ ମାଟି ଅତଡାରେ ଚାପି ହୋଇ ମୃତ୍ୟୁବରଣ କରିଥିଲେ । ସୋମବାର ମୃତକଙ୍କ ପରିବାରବର୍ଗଙ୍କୁ ସ୍ଥାନୀୟ ତହସିଲ କାର୍ଯ୍ୟାଳୟରେ ସହାୟତା ପ୍ରଦାନ କରାଯାଇଛି । ମୃତ ଜୟନ୍ତୀ ପେଦାକାପୁଙ୍କ ମାଆ ଜାନକୀ ପେଦାକାପୁ, ଚମ୍ପା ପାଲେସିଙ୍କ ସ୍ୱାମୀ ଗୁରୁ ପାଲେସି ଓ ବିଶୁ ଖିଲଙ୍କ ସ୍ତ୍ରୀ ବତି ଖିଲଙ୍କୁ ଅତିରିକ୍ତ ତହସିଲଦାର ମହାଦେବ ଭତ୍ରା ରେଡକ୍ରସ ଅନୁଦାନରୁ ୧୦ ହଜାର ଲେଖାଏଁ ଚେକ ପ୍ରଦାନ କରିଛନ୍ତି । ଏହି ସମୟରେ ଉକ୍ତ କାର୍ଯ୍ୟାଳୟର ସୁପରଭାଇଜର ଭାସ୍କର ଚନ୍ଦ୍ର ଗମାଙ୍ଗ , ରାଜସ୍ୱ ନିରୀକ୍ଷକ କୈଳାସ ଗାଦବା , ସଭା ହରିଜନ ଓ ଅମିନ ଭାସ୍କର ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବରୁ ତହସିଲଦାର ଡଃ ଅରୁଣ କୁମାର ଖଣ୍ଡା ଉପରୋକ୍ତ ଆର୍ଥିକ ସହାୟତା ଘୋଷଣା କରିଥିଲେ । ସୂଚନାଯୋଗ୍ୟ ଯେ, ଗତ ୧୧ ତାରିଖରେ ଚନ୍ଦକା ପଞ୍ଚାୟତର ଦଳପତିଗୁଡା , ନୁଆଁଗୁଡା ଓ ବେନିଙ୍ଗିଗୁଡା ୩ ଗ୍ରାମର ୧୫ ରୁ ୨୦ ମହିଳା ପୁରୁଷ ଘର ଲିପା ପାଇଁ ଚୂନ ମାଟି ସଂଗ୍ରହ କରିବାକୁ ୧୫ କିଲୋମିଟର ଦୂର ପୁକାଲି ପଞ୍ଚାୟତ ବଡୁଗୁଡା ଗ୍ରାମ ନିକଟ ଲିଟିପୋବଲି ନାମକ ପାହାଡକୁ ଆସିଥିଲେ । ଚୂନ ମାଟି ସଂଗ୍ରହ କରୁଥିବା ବେଳେ ମାଟି ଅତଡା ଖସିବାରୁ ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ୨ ଜଣ ନୁଆଁଗୁଡା ଗ୍ରାମର ଦନାଇ ପାଲେସି ଓ ଦାନୁମତି ପାଲେସି ଗୁରୁତର ଆହତ ହୋଇଥିଲେ। ମୃତକଙ୍କ ପରିବାରକୁ ସହାୟତା ନେଇ ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ , ପୂର୍ବତନ ଏମପି ଜୟରାମ ପାଙ୍ଗି , ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗତ ଜ୍ୟୋତି ପାଙ୍ଗି , ନୃସିଂହ ନାଥ ବେହେରା ଏବଂ ସରପଞ୍ଚ ପ୍ରଦୀପ ପୁଲ ଦାବି କରିଥିଲେ । ଏହାର ପୁନରାବୃତ୍ତି ନ ଘଟୁ ସେଥିପ୍ରତି ଜିଲା ପ୍ରଶାସନ ବିଭିନ୍ନ ସ୍ଥାନରେ ଥିବା ଚୂନ ପାହାଡକୁ ନିଷିଦ୍ଧାଞ୍ଚଳ ବୋଲି ଘୋଷଣା କରିବାକୁ ଦାବି କରିଛନ୍ତି ।

# ୨ ମାସ ହେଲା ଅଭିଯୋଗ ପ୍ରକୋଷ୍ଠ ବନ୍ଦ

ଜୟପୁର,୧୩।୫ (ଡି.ଏନ.ଏ)



ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଅଭିଯୋଗ ପ୍ରକୋଷ୍ଠ ।

ଲୋକଙ୍କ ସମସ୍ୟା ସମାଧାନ ଓ ଅଭିଯୋଗ ଶୁଣାଣି ନିମନ୍ତେ ସରକାରଙ୍କ ତରଫରୁ କୋରାପୁଟ ଜିଲା ଜୟପୁର ଉପଖଣ୍ଡରେ ଏକ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇଛି । ଏଠାରେ ଜିଲାପାଳ,ଏସପି ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥାନ୍ତି । ହେଲେ ଉକ୍ତ ପ୍ରକୋଷ୍ଠ ୨ ମାସ ହେଲା ବନ୍ଦ ରହିଛି । ଗତ ମାର୍ଚ୍ଚ ପ୍ରଥମ ସପ୍ତାହରେ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ମାତ୍ରେ ଉକ୍ତ ପ୍ରକୋଷ୍ଠ ବନ୍ଦ କରାଯାଇଛି । ଏମିତି କି ପ୍ରବଳ ଖରା ଯୋଗୁ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ବନ୍ଦ କରାଯାଇଛି ବୋଲି ଅଧିକାରୀମାନେ କହିଛନ୍ତି । କିନ୍ତୁ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ସରକାରୀ ନିର୍ଦ୍ଦେଶନାମା ଆସିନାହିଁ କିନ୍ତୁ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ବନ୍ଦ କରାଯାଇଛି ବୋଲି ପ୍ରକାଶ କରିଛନ୍ତି । ଅଧିକାରୀ ଓ ଉକ୍ତ ବିଭାଗର ଦାୟିତ୍ୱରେ ରହିଥିବା କର୍ମଚାରୀଙ୍କ ମଧ୍ୟରେ ପ୍ରକୋଷ୍ଠ ବନ୍ଦ ହେବାର କାରଣ ନେଇ ତାଳମେଳ ରହୁନାହିଁ । ଅନ୍ୟପକ୍ଷରେ ଏହା ବନ୍ଦ ଥିବାରୁ ସାଧାରଣ ଲୋକ ନିଜର ସମସ୍ୟା ଓ ଅଭିଯୋଗ ନେଇ ସରକାର ଏବଂ ପ୍ରଶାସନଙ୍କ ନିକଟରେ ଜଣାଇ ପାରୁନାହାନ୍ତି । ଏହିପରି ଜିଲାର ବିଭିନ୍ନ ଗ୍ରାମାଞ୍ଚଳରେ ଜଳ ସମସ୍ୟା ଓ ଅନ୍ୟାନ୍ୟ ସମସ୍ୟା ରହିଥିବା ବେଳେ ଏଥିନେଇ ଗ୍ରାମବାସୀ ପ୍ରଶାସନ ନିକଟରେ ଜଣାଇ ପାରୁନାହାଁନ୍ତି । ନିର୍ବାଚନ ଆଚରଣ ବିଧି ଏବଂ ଗ୍ରୀଷ୍ମ ପ୍ରବାହର ଆଳ ଦେଖାଇ ଅଧିକାରୀମାନେ ଦୀର୍ଘ ୨ ମାସରୁ ଊର୍ଦ୍ଧ୍ୱ ହେଲାଣି ଲୋକଙ୍କ ସମସ୍ୟା ଓ ଅଭିଯୋଗ ପ୍ରତି ଅଣଦେଖା କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି । ତେଣୁ ତୁରନ୍ତ ଅଭିଯୋଗ ପ୍ରକୋଷ୍ଠ ଆରମ୍ଭ କରିବାକୁ ସାଧାରଣରେ ଦାବି ହୋଇଛି । ଏ ନେଇ ଡେପୁଟି କଲେକ୍ଟର ରାଜେନ୍ଦ୍ର ଖାରଙ୍କୁ ପଚାରିବାରୁ, ରୌଦ୍ରତାପ ଯୋଗୁ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଅଭିଯୋଗ ପ୍ରକୋଷ୍ଠ ବନ୍ଦ କରାଯାଇଛି ବୋଲି କହିଛନ୍ତି ।

